ସାପ୍ତାହିକ ଶ୍ରୀ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 12 | 23 - 29 March 2025 | Sambalpur | Pages- 8 | Invitation Price Rs.10

# ବିଧାନସଭାରେ ସମ୍ବଲପୁରୀ-କୋଶଳୀ ଭାଷାକୁ ରାଜ୍ୟ ଭାଷା ମାନ୍ୟତା ପ୍ରସ୍ତାବ ଆସିନାହିଁ ବୋଲି ବିଭାଗୀୟ ମନ୍ତ୍ରୀଙ୍କ ମନ୍ତବ୍ୟରେ ପଶ୍ଚିମ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା

ସମ୍ବଲପୁର: ସମ୍ବଲପୁରୀ-କୋଶଳୀ ଭାଷାକୁ ରାଜ୍ୟ ଭାଷାର ମାନ୍ୟତା ଦାବି ସଂକ୍ରାନ୍ତରେ କୌଣସି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇନାହିଁ ବୋଲି ବିଧାନସଭାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉତ୍ତର ଦେବା ପରେ ପଶ୍ଚିମ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟର ପ୍ରାୟ ୨ କୋଟି ଲୋକ ବ୍ୟବହାର କରୁଥିବା ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦେବାରେ ସରକାରଙ୍କର ଅବହେଳା ପଶ୍ଚିମ ଓଡ଼ିଶା ପ୍ରତି ସରକାରଙ୍କର ବୈମାତୃକ ମନୋଭାବର ଅନ୍ୟ ଏକ ଦୃଷ୍ଟାନ୍ତ ବୋଲି କୁହାଯାଉଛି। ସମ୍ବଲପୁରୀ କୋଶଳୀ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ରୂପେ ମାନ୍ୟତା ଦେଇ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ପୂର୍ବରୁ ଥିବା ବିଜେଡି ସରକାର କେନ୍ଦ୍ର ସରକାରଙ୍କୁ ଦୁଇଥର ଅନୁରୋଧ କରିଥିଲେ। ତେବେ ରାଜ୍ୟରେ ବିଜେପି ସରକାର ଆସିବା ପରେ ଏ ଦିଗରେ କାର୍ଯ୍ୟ ନ କରି ଓଲଟା ଏ ସଂକ୍ରାନ୍ତରେ କୌଣସି ପ୍ରସ୍ତାବ ସରକାରଙ୍କର ହସ୍ତଗତ ହୋଇ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ କହିବା କଟାଘାରେ ଚୁନ ସଦୃଶ ହୋଇଛି।



ଏପରିକି ବରଗଡ଼ରେ କୋଶଳ ସେନା ପକ୍ଷରୁ ମନ୍ତ୍ରୀ ଶ୍ରୀ ସୁରଜଙ୍କ ମନ୍ତବ୍ୟର ନିନ୍ଦା କରାଯାଇ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

ମନ୍ତ୍ରୀଙ୍କ ଏହି ଉତ୍ତରରେ ପ୍ରତିକ୍ରିୟା ପ୍ରକାଶ କରି ବିଜେପି ବିଧାୟକ ଜୟନାରାୟଣ ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ ସମ୍ବଲପୁରୀ-କୋଶଳି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ୨ ଥର କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ବୋଧହୁଏ ଏହା ମନ୍ତ୍ରୀଙ୍କୁ ଜଣାନାହିଁ। ସେ କହିଛନ୍ତି ଯେ, ରାଜ୍ୟ ସଂଗୀତକୁ ନେଇ ମୁଁ ମୋ ପୂର୍ବ ବୟାନରେ ଅଟଳ ରହିଛି।୧୯୩୬ ମସିହାରେ ଓଡ଼ିଶା ପ୍ରଦେଶ କୋଶଳ, କଳିଙ୍ଗ ଓ ଉତ୍କଳକୁ ନେଇ ଗଠିତ ହୋଇଥିଲା। ମାତ୍ର 'ବନ୍ଦେ ଉତ୍କଳ ଜନନୀ'ରେ କେବଳ 'ଉତ୍କଳ'ର କଥା କୁହାଯାଉଛି। ଯଦି ରାଜ୍ୟ ସଂଗୀତ ଗାନ କରାଯିବ ତାହେଲେ ରାଜ୍ୟର ୩୦ ଜିଲ୍ଲାର କଥା ରହିବା କଥା। ଯଦି କିଛି ଅଞ୍ଚଳକୁ ନେଇ ଓଡ଼ିଶାର ସଂଗୀତ ଗାନ କରାଯିବ, ତାହେଲେ ଏହା ଗ୍ରହଣୀୟ ହେବ ନାହିଁ ବୋଲି ସେ ନିଜ ପୂର୍ବ ବକ୍ତବ୍ୟକୁ ଦୋହରାଇଛନ୍ତି। ସେ ପୁଣି କହିଛନ୍ତି ଯେ, ତାଙ୍କର ବ୍ୟକ୍ତିଗତ ମତ ଆଗକୁ ଯେ ସାମୂହିକ ମତ ନ ହେବ ବୋଲି କିଏ କହିବ? ଜଣେ ବ୍ୟକ୍ତି ପ୍ରଥମେ ମତ ଦିଏ, ତାହ ପରେ ଧିରେ ଧିରେ ଧିରେ ସାମୂହିକ ମତ ହୁଏ।

# ପ୍ରଦୂଷଣରେ ହନ୍ତସନ୍ତ ଝାରସୁଗୁଡ଼ା ବାସୀ

**(ସନ୍ତୋଷ କୁମାର ମହାପାତ୍ରଙ୍କ ଠାରୁ)**

ଝାରସୁଗୁଡ଼ା : ରାଜ୍ୟର ଶକ୍ତି କେନ୍ଦ୍ର ଭାବେ ପରିଚିତ ଝାରସୁଗୁଡ଼ା ଜିଲ୍ଲା ଦ୍ରୁତ ଶିଳ୍ପାୟନ ଓ ଏଥିରୁ ନିର୍ଗତ ଶିଳ୍ପବର୍ଜ୍ୟ ଜିଲ୍ଲାକୁ ଧୀରେ ଧୀରେ ପ୍ରଦୂଷଣ ବଳୟ ଭିତରକୁ ଟାଣିନେଉଛି। ସ୍ଥିତି କିନ୍ତୁ ଭିନ୍ନ। ରାସ୍ତା ନିର୍ମାଣ, ଇଟା ଓ ସିମେଣ୍ଟ ପ୍ରସ୍ତୁତିରେ ଏହି ସବୁ ପାଉଁଶର ବ୍ୟବହାର କରାଯିବା କଥା। କିନ୍ତୁ ବର୍ଷର ସବୁ ସମୟରେ ଯଥେଷ୍ଟ ପରିମାଣର ଫ୍ଲାଏ ଆଶ୍ ବିନିଯୋଗ



ବିଶେଷକରି କାରଖାନାମାନଙ୍କରୁ ନିର୍ଗତ ହେଉଥିବା ଗ୍ୟାସ୍ ଓ ଧୂଆଁ ଯୋଗୁଁ ଜିଲ୍ଲାବାସୀ ବ୍ୟାପକ ପ୍ରଦୂଷଣର ଶିକାର ହେଉଛନ୍ତି। ପ୍ରଦୂଷଣକୁ ରୋକିବା ପାଇଁ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅବସ୍ଥିତି କେହି ଉପଲବ୍ଧି କରି ପାରୁ ନାହାନ୍ତି। ଏଭଳି ସ୍ଥିତି ଜାରି ରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ଜିଲ୍ଲାରେ ମାଟିର ସଂଜ୍ଞା ହିଁ ବଦଳିଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ୬୧୩୬ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଯାହା ରାଜ୍ୟର ବିଭିନ୍ନ ସ୍ଥାନକୁ ଯୋଗାଣ କରାଯାଉଛି। ଏହି କେନ୍ଦ୍ରଗୁଡ଼ିକରେ କୋଇଲା ଦହନରୁ ବିଜୁଳି ଉତ୍ପାଦନ ହେଉଥିବା ବେଳେ କୋଇଲା ପୋଡ଼ିରୁ ନିର୍ଗତ ପାଉଁଶ ବା ଫ୍ଲାଏ ଆଶ୍ ଜିଲ୍ଲାରେ ରହିଯାଉଛି। ସରକାରୀ ତଥ୍ୟ ଅନୁସାରେ, ଜିଲ୍ଲାର ୭ଟି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ମାସିକ ହାରାହାରି ୧୨ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍ ପାଉଁଶ ନିର୍ଗତ ହେଉଛି। କିଛି ପରିମାଣର ଫ୍ଲାଏ ଆଶ୍ ପରିବହନ ହୋଇ ସମ୍ବଲପୁର ତଥା ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ସୀମାନ୍ତ ଜିଲ୍ଲା ରାୟଗଡ଼କୁ ଯାଉଥିବା ବେଳେ ଏହାର ସିଂହଭାଗ ଝାରସୁଗୁଡ଼ାରେ ହିଁ ପରିଚାଳନା କରାଯାଉଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁସାରେ, ନିର୍ଗତ ଶତ ପ୍ରତିଶତ ଫ୍ଲାଏ ଆଶ୍‌ର ଠିକ ପରିଚାଳନା କରାଯାଉଛି। ହେଲେ ପ୍ରକୃତ ହେବା ଭଳି ନିର୍ମାଣ କାମ ହେଉ ନ ଥିବାରୁ ଏହାକୁ ଲୋ ଲ୍ୟାଣ୍ଡ ଫିଲିଂ ନାଁରେ ମାଟି ଖୋଳି (ପାଉଁଶ) ପୋତି ଦିଆଯାଉଥିବା ନିତିଦିନ ମାଳମାଳ ଅଭିଯୋଗ ସାମନାକୁ ଆସୁଛି। ବିଭିନ୍ନ ସରକାରୀ ଜମିରୁ ମାଟି ଓ ମୋରମ୍ ଚୋରି ହେଉଥିବା ସଂକ୍ରାନ୍ତୀୟ ଖବର ବି ନିୟମିତ ଗଣମାଧ୍ୟମରେ ପ୍ରକାଶ ପାଉଛି। କିନ୍ତୁ ଏହି ମାଟି ଓ ମୋରମ୍ ଖାଲି କରାଯିବା ପଛରେ ଫ୍ଲାଏ ଆଶ୍ ଡମ୍ପ ହିଁ ମୁଖ୍ୟ କାରଣ। ଆଜି ଆଖି ଆଗରେ ଦେଖା ଯାଉଥିବା ପଡ଼ିଆଟି ରାତି ପାହିଲା ବେଳକୁ ଖୋଳି ସେଠାରୁ ମାଟିକାଢ଼ି ନିଆଯାଉଛି। ଦିନେ ଦୁଇ ଦିନ ମଧ୍ୟରେ ସେଠାରେ ପାଉଁଶ ପୋତି ପୂର୍ବ ସ୍ଥିତିକୁ ଅଣାଯିବା ପରେ କିଛି ପରିମାଣର ମାଟି ଉପରେ ଢାଙ୍କି ଦିଆଯାଉଛି। ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ ଇଞ୍ଜିନିୟରିଂ ରିସର୍ଚ୍ଚ ଆଣ୍ଡ ଟେକ୍‌ନୋଲୋଜିରେ ପ୍ରକାଶିତ ଏକ ରିପୋର୍ଟକୁ ଅନୁଶୀଳନ କଲେ ଏହି ପାଉଁଶରେ ୟୁରାନିୟମ୍, ଥୋରିୟମ୍, ରେଡିୟମ୍ ଭଳି ତେଜସ୍କ୍ରିୟ ଧାତୁ ସହିତ ମାଙ୍ଗାନିଜ, ଶିଶା, ତମ୍ବା ଭଳି ଖଣିଜ ମଧ୍ୟ ରହିଥାଏ। ଯାହାକି ଭୂମିଷ୍ଠ ହେବା ଦ୍ୱାରା ମାଟିର ଗୁଣବତ୍ତା ପରିବର୍ତ୍ତନ ହେଉଛି। ତେଜସ୍କ୍ରିୟ ଧାତୁ ରହିବା କାରଣରୁ ଏହା ମାରାତ୍ମକ ବିକିରଣ ସୃଷ୍ଟି କରିବା ସହ ମାଟିରେ ଥିବା ବିଭିନ୍ନ ଜୀବଜନ୍ତୁଙ୍କୁ ବଞ୍ଚିବାର ବି ସୁଯୋଗ ଦେଉନି। କେବଳ ସେତିକି ନୁହେଁ, ଏହି ରାସାୟନିକ ପଦାର୍ଥର ପ୍ରତିକ୍ରିୟା ଫଳରେ ମୃତ୍ତିକାର ପ୍ରକୃତ ଗୁଣଧର୍ମ ମଧ୍ୟ ନଷ୍ଟ ହୋଇଯାଉଛି।

# ବିଜେଡି କଂଗ୍ରେସର ନିକଟତର ହେଉଛି କି?

ଭୁବନେଶ୍ୱର: ଜନ୍ମରୁ ଆଜିଯାଏ ବିଜେଡି କଂଗ୍ରେସକୁ ବିରୋଧ କରିଛି। ୧୯୯୭ରେ ବିଜେଡିର ଜନ୍ମ ହେଲା। ଜନ୍ମରୁ ବିଜେପିକୁ ମା' ବୋଲି ଆଦରି ନେଇ କଂଗ୍ରେସକୁ ଡାହାଣୀ ଭାବିଲା। ୨୦୦୯ରେ ମା'ର ହାତ ଛାଡ଼ି ଏକା ବାଟ ଚାଲିଲା। ଏବେ କଥା ଅଲଗା। ବିଜେପି ମା'ର ହାତ ଆଉ ନାହିଁ। କଂଗ୍ରେସକୁ ବିଜେଡି ଡାହାଣୀ ବୋଲି ଆଉ ଭାବୁନାହିଁ ବୋଲି ଲୋକଙ୍କ ମଧ୍ୟରେ ଧାରଣା ହେଉଛି।

ପ୍ରଥମଥର ପାଇଁ ଚେନ୍ନାଇରେ ହୋଇଥିବା କେନ୍ଦ୍ର ସରକାରଙ୍କ ବିରୋଧୀ ବୈଠକରେ ବିଜେଡି ଯୋଗ ଦେଇଛି। ଯଦିଓ ଦଳ ସଭାପତି ନବୀନ ପଟ୍ଟନାୟକ ନିଜେ ଯାଇନାହାନ୍ତି, ତେବେ ତାଙ୍କ ପ୍ରତିନିଧି ଭାବରେ ଦୁଇଜଣ ନେତା ଏଥିରେ ଯୋଗ ଦେଇଥିଲେ। ଏହି ବୈଠକ ଡିଏମକେ ଡାକିଛି ଓ ଡିଏମକେ କଂଗ୍ରେସ ସହ ଅଛି। ସିଧାସଳଖ ନହେଲେ ବି କଂଗ୍ରେସ ସହ ଥିବା ଡିଏମକେର ନିମନ୍ତ୍ରଣ ବିଜେଡି ରକ୍ଷା କରିବାପରେ ରାଜନୈତିକ ମହଲରେ ସ୍ୱାଭାବିକ ପ୍ରଶ୍ନ ଉଠିଛି ଯେ, ବିଜେଡି ତା'ର ବାଟ ବଦଳାଉଛି କି? କଂଗ୍ରେସର ନିକଟତର ହୋଇ ବିଜେପିଠାରୁ ଦୂର ହେଉଛି କି?

୨୦୦୯ ପରଠାରୁ ବିଜେପି ସହ ବିଜେଡି ନାହିଁ। ମେଣ୍ଟ ଭାଙ୍ଗିଛି ଓ ଅଲଗା ହୋଇଛି। କିନ୍ତୁ ବିଜେପି ବିରୋଧୀ କୌଣସି ମେଣ୍ଟ ବା ପକ୍ଷକୁ ବିଜେଡି ଯାଇନାହିଁ। ବରଂ ପ୍ରତିଟି ଘଟଣାରେ ବିଜେପିକୁ ସମର୍ଥନ ଦେଇଛି। ରାଷ୍ଟ୍ରପତି ନିର୍ବାଚନ ହେଉ ଅବା ସଂସଦରେ ବିଧେୟକ, ସବୁଥରେ ବିଜେପି ବିଜେଡିର ପୂର୍ଣ୍ଣ ସମର୍ଥନ ପାଇଛି। ପ୍ରଥମଥର ଲାଗି ବିଜେଡି ବିଜେପିଠାରୁ ଦୂରେଇ ବିରୋଧୀ ବୈଠକକୁ ଯାଇଛି। ଜାତୀୟ ରାଜନୀତିରେ ବିଜେଡିର ଏ ରଣନୀତି ନୂଆ ଚର୍ଚ୍ଚା ସୃଷ୍ଟି କରିଛି। ଯେହେତୁ ନବୀନ ନିଜେ ଯାଇନାହାନ୍ତି, ତେଣୁ ଚର୍ଚ୍ଚା ପ୍ରଖର ହୋଇନାହିଁ। ରାଜନୈତିକ ସମୀକ୍ଷକଙ୍କ ମତରେ ନବୀନ ନିଜେ ନଯାଇ ପ୍ରତିନିଧି ପଠାଇ ସଳାକୁସ୍ତିର ଗଳାବାଟଟିଏ ରଖୁଛନ୍ତି। ଯେଉଁଥିରେ ବିଜେପି ବେଶୀ ରାଗିବନି ଓ ବିରୋଧୀ ଅଳ୍ପ ହସି ବୁଝିଯିବେ।

# ରାଜ୍ୟର ୯ଟି ବିଶ୍ୱବିଦ୍ୟାଳୟରେ କୁଳପତି ଓ ଦୁଇ ତୃତୀୟାଂଶ ଅଧ୍ୟାପକ ପଦ ଖାଲି

ଭୁବନେଶ୍ୱର : ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଭଗବାନଙ୍କ ଭରସାରେ ଚାଲିଛି। ରାଜ୍ୟରେ ୧୭ ଟି ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୯ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଦୁଇ-ତୃତୀୟାଂଶ ଅଧ୍ୟାପକ/ ଅଧ୍ୟାପିକା ପଦ ଖାଲି ଥିବାବେଳେ ପ୍ରାୟ ୭୨ ପ୍ରତିଶତ ଅଣଶିକ୍ଷକ ପଦ ମଧ୍ୟ ଖାଲି ପଡ଼ିଛି।

ରାଜ୍ୟର ୮ଟି ବିଶ୍ୱବିଦ୍ୟାଳୟ ଯଥା ଓଡ଼ିଆ ବିଶ୍ୱ-ବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଫକିର ମୋହନ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ କୁଳପତି ନିୟମିତ ଭାବେ ନିଯୁକ୍ତି ପାଇ କାର୍ଯ୍ୟରତ ଅଛନ୍ତି।
ଦୁଇଟି ବିଶ୍ୱବିଦ୍ୟାଳୟ ଯଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏବଂ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଫ କ ।ର ମୋହନ ବିଶ୍ୱବିଦ୍ୟାଳୟରେ କୁଳପତି ଓ ବ୍ରହ୍ମପୁର ବିଶ୍ୱ-ବିଦ୍ୟାଳୟର କୁଳପତି ଅତିରିକ୍ତ ଭାବେ ଦାୟିତ୍ୱରେ ଅଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକୁ ୬ ମାସ ପର୍ଯ୍ୟନ୍ତ ବା ନୂତନ କୁଳପତିଙ୍କ ନିଯୁକ୍ତି ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି। ସେହିପରି ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅତିରିକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ପର୍ଯ୍ୟନ୍ତ ବା ନୂତନ କୁଳପତିଙ୍କ ନିଯୁକ୍ତି ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି। ଗଙ୍ଗାଧର ବିଶ୍ୱବିଦ୍ୟାଳୟ ଏବଂ ରମା ଦେବୀ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ କାର୍ଯ୍ୟ ଆଉ ୬ ମାସ ବୃଦ୍ଧି କରାଯାଇଥିଲା। ମାତ୍ର ଉଭୟ ସେମାନଙ୍କର ପଦବୀ ପରିତ୍ୟାଗ କରିଥିବାରୁ ବିଶ୍ୱବିଦ୍ୟାଳୟର ବରିଷ୍ଠତମ ପ୍ରାଧ୍ୟାପକଙ୍କୁ ଭାରପ୍ରାପ୍ତ କୁଳପତି ଦାୟିତ୍ୱ ଦିଆଯାଇଛି।

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ତାଙ୍କର ଦେହାନ୍ତ ହେବାରୁ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱରେ ଅଛନ୍ତି।

ନୂତନ ବିଶ୍ୱବିଦ୍ୟାଳୟଭାବେ ଅପଗ୍ରେଡ୍ ପାଇଥିବା ଧରଣୀଧର ବିଶ୍ୱବିଦ୍ୟାଳୟ ଓ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଓଏସଡି କାର୍ଯ୍ୟରତ ଅଛନ୍ତି।

ସେହିପରି ୧୭ଟି ବିଶ୍ୱବିଦ୍ୟାଳୟରେ ୨୦୨୭ ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ରହିଛି। ତନ୍ମଧ୍ୟରୁ ମାତ୍ର ୬୭୪ ଟି ପଦରେ ଅଧ୍ୟାପକ/ ଅଧ୍ୟାପିକା କାର୍ଯ୍ୟରତ ଥିବାବେଳେ ୧୩୫୩ ପଦ ଅର୍ଥାତ୍ ଦୁଇତୃତୀୟାଂଶ ପଦ ଖାଲି। ମୋଟ୍ ୨୮୭୯ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦ ଥିବାବେଳେ ମାତ୍ର ୭୯୮ ଜଣ କାର୍ଯ୍ୟରତ ଥିବାବେଳେ ୨୦୮୧ ଅଣଶିକ୍ଷକ ପଦ ଖାଲି ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୩ଟି ଅଧ୍ୟାପକ ପଦ ଖାଲି ପଡ଼ିଥିବା ବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୧୬୧, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୧୧୨, ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ୧୦୬, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୧୧ ପ୍ରଫେସର ପଦ ଖାଲି ପଡ଼ିଛି।

ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ୭୦୮ ଜଣ ଅଣଶିକ୍ଷକ ପଦ ଖାଲି ଥିବାବେଳେ ରେଭେନ୍ସାରେ ୧୯୫, ବ୍ରହ୍ମପୁରରେ ୧୮୨, ସମ୍ବଲପୁରରେ ୧୫୮ ପଦ ଖାଲି ରହିଛି। କେବଳ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଛାଡ଼ି ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟରେ ୫୦ରୁ ଅଧିକ ପଦ ଖାଲି ପଡ଼ିଛି। ବିଶ୍ୱବିଦ୍ୟାଳୟ ସଂଶୋଧନ ନିୟମ ୨୦୨୦କୁ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଅଧୀନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ସୁପ୍ରିମ୍‌କୋର୍ଟରେ ମାମଲା କରିଥିବାରୁ ନିଯୁକ୍ତି ହେଉନାହିଁ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଥିଲେ ମଧ୍ୟ କେନ୍ଦ୍ର ସରକାର ମାମଲାର ସମାଧାନ କରିବାକୁ ଆଗ୍ରହ ଦେଖାଉ ନ ଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ବିଧାନସଭାରେ ଉପସ୍ଥାପିତ ଓଡ଼ିଶା ବିଶ୍ୱବିଦ୍ୟାଳୟ ବିଧେୟକ, ୨୦୨୪ ଆଇନରେ ପରିଣତ ହେଲେ ବିଶ୍ୱବିଦ୍ୟାଳୟରେ ନିୟମିତ ଭାବେ କୁଳପତି ପଦବୀ ପୂରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜଣାପଡିଛି।

## ଏ ସଂଖ୍ୟାରେ..


ମହୌଷଧ ବାଇଗଣ


ମଧୁମେହ ପ୍ରତିରୋଧୀ ଘରୋଇ ପଥ୍ୟ


ଔଷଧରେ ଭରପୁର ଲବଙ୍ଗ


ଗ୍ରୀଷ୍ମ ଋତୁରେ ଗୋଲମରିଚ ଖାଇବାର ଫାଇଦା


ହେଙ୍ଗୁର ଔଷଧୀୟ ଗୁଣ


ବଚର ଉପକାରିତା

## ନିର୍ଭୁଲ ଭୋଟର୍ ତାଲିକା ପାଇଁ ବୈଠକ

ଝାରସୁଗୁଡ଼ା : ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପାଇଁ ନିର୍ବାଚନ କମିଶନ ଗୁରୁତ୍ୱ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଜିଲ୍ଲା ଖଣିଜ ପାଣ୍ଠି ସଭା ଗୃହରେ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅବୋଲି ସୁନୀଲ ନରୱଣେଙ୍କ ଅଧକ୍ଷତାରେ ବୁଥ୍‌ସ୍ତରୀୟ ଏଜେଣ୍ଟ ମନୋନୀତ ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଭୋଟର ପରିଚୟପତ୍ର ସହ ଆଧାର କାର୍ଡ ଲିଙ୍କ କରିବା, ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱଚ୍ଛତା ଅବଲମ୍ବନ କରିବା ସହ ମାର୍ଗଦର୍ଶିକାକୁ ଅନୁସରଣ କରି ତାଲିକା ପ୍ରସ୍ତୁତି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ ।

## ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ପଖାଳ ଦିବସ



ଝାରସୁଗୁଡ଼ା : ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିସରରେ ଦୁଇଟି ପର୍ଯ୍ୟାୟରେ ପଖାଳ ଦିବସ ପାଳିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝୀ ଯୋଗଦେଇ ପଖାଳ ଦିବସ ହିଁ ଆମ ଓଡ଼ିଆ ଜାତିର ଗର୍ବ ଓ ଗୌରବ ବୋଲି କହିଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିବାରକୁ ନେଇ ଦହି ପଖାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

କାର୍ଯ୍ୟକ୍ରମରେ କୋଷାଧକ୍ଷା ପ୍ରିୟଙ୍କା ସାହୁ, ମନ୍ଦାକିନୀ ମାକର, ତାରିଣୀ ପ୍ରିୟା ମହାନ୍ତି, ରଞ୍ଜିତା ନାଏକ, ଚନ୍ଦ୍ରିକା କିସାନ, ଝରଣା ସାହୁ, ବୀଣାପାଣି ପ୍ରଧାନ, ତେଜରାଜ ସାହୁଙ୍କ ସହ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସହଯୋଗ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ମମତା ସିଂହ ଧନ୍ୟବାଦ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା

ଝାରସୁଗୁଡ଼ା : ଜିଲ୍ଲାସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିସିପିଏନ୍‌ଡିଟି ଆକ୍ଟର କାର୍ଯ୍ୟକାରିତା ଓ ଏହି ଆକ୍ଟର ଉଲ୍ଲଂଘନର ଦଣ୍ଡବିଧାନ ବିଷୟରେ ମତ ରଖିଥିଲେ । କାର୍ଯ୍ୟକ୍ରମରେ ଡାକ୍ତର ରାଧାରମଣ ବିର୍ତ୍ତିଆ ଯୋଗଦେଇ ପୁଅଙ୍କ ଜନ୍ମ ଅନୁପାତରେ ଝିଅଙ୍କ ଜନ୍ମ ସଂଖ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ପୁଅଙ୍କ ତୁଳନାରେ ଝିଅମାନେ କମ୍ ନୁହନ୍ତି ବୋଲି କହିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ କଲ୍ୟାଣ ସମିତି ଅଧକ୍ଷ ଆଶିଷ କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ସିଏଚ୍‌ସି ଓ ପିଏଚ୍‌ସିର ମେଡିକାଲ ଅଫିସର, ସିଡିପିଓ ଓ ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଯୋଗ ଦେଇଥିଲେ ।

## ଧର୍ମକୁ ଚିହ୍ନିବା କିପରି ?

ମନୁଷ୍ୟ କର୍ମ କରିବାରେ ସ୍ୱତନ୍ତ୍ର, କିନ୍ତୁ କର୍ମର ଫଳ ବାଛିବାରେ ତାକୁ କୌଣସି ସୁବିଧା ଦିଆଯାଇ ନାହିଁ । ବ୍ୟକ୍ତି ଭଲ-ମନ୍ଦ ଯେମିତି କର୍ମ କରେ, ତଦନୁରୂପ ଭଲ-ମନ୍ଦ ଫଳ ତାକୁ ଶୀଘ୍ର ହେଉ କି ବିଳମ୍ବରେ ହେଉ ଭୋଗିବାକୁ ପଡ଼ିଥାଏ । କାରଣ ବ୍ରହ୍ମାଣ୍ଡର ସଞ୍ଚାଳନ ସର୍ବଶକ୍ତିମାନ୍ ଈଶ୍ୱରଙ୍କ ଦ୍ୱାରା ପ୍ରସ୍ତୁତ ନିୟମ ଅନୁରୂପ ହେଉଛି, ଯେଉଁଥିରେ କର୍ମଫଳ ବ୍ୟବସ୍ଥା ପ୍ରମୁଖ । ଏହି ବ୍ୟବସ୍ଥା ଈଶ୍ୱରଙ୍କ ସ୍ୱ-ସଞ୍ଚାଳିତ ସୃଷ୍ଟିର ମୂଳରେ ସକ୍ରିୟ ଏକ ଅବ୍ୟର୍ଥ ଓ ଅଟଳ ବିଧାନ । ଏଠାରେ ଉତ୍ତମ କର୍ମଗୁଡ଼ିକର ପୁଣ୍ୟ ଫଳ ବିବିଧ ସୁଖ, ସମ୍ପଦ ଓ ଅନୁକୂଳତା ରୂପେ ମିଳିଥାଏ ଏବଂ ମନ୍ଦ କର୍ମଗୁଡ଼ିକର ଫଳ ନାନା ପ୍ରକାର ଦୁଃଖ, କଷ୍ଟ, ରୋଗ ଓ ପ୍ରତିକୂଳତା ରୂପେ ମିଳିଥାଏ ।

ବସ୍ତୁତଃ ଈଶ୍ୱରୀୟ ନ୍ୟାୟ ବ୍ୟବସ୍ଥା ଅବ୍ୟର୍ଥ ଓ ଈଶ୍ୱରଙ୍କ ପାଇଁ କୌଣସି କଥା ଅଛପା ନୁହେଁ । ଆମର ପ୍ରତ୍ୟେକ ଶବ୍ଦ, ବିଚାର ଓ କର୍ମକୁ ଶାସ୍ତ୍ରଗୁଡ଼ିକରେ ବର୍ଣ୍ଣିତ ଚିତ୍ରଗୁପ୍ତ ଦ୍ୱାରା ଲିପିବଦ୍ଧ କରାଯାଏ, ଅର୍ଥାତ୍ ମନୋବିଜ୍ଞାନର ଭାଷାରେ ଏସବୁ ଅବଚେତନ ମନର ଗଭୀରତାରେ ଅଙ୍କିତ ହୋଇ ରହିଥାଏ ।

ମନ୍ଦ କର୍ମଗୁଡ଼ିକର ବୋଝ ବଢ଼ିଗଲେ ଶରୀର ଓ ମନ ଉପରେ ଏହାର ଚାପ ପଡ଼େ ଏବଂ ଏଗୁଡ଼ିକ ନାନା ପ୍ରକାର ଆଧିବ୍ୟାଧି ତଥା ସଂକଟ ରୂପେ ଜୀବନରେ ପ୍ରକଟ ହୋଇଥାଏ । ପୁଣି କେତେ ଥର ତ ଏସବୁ ମିଶି ଜୀବନକୁ ନରକତୁଲ୍ୟ କରିଦିଏ । ଯଦି ଏଗୁଡ଼ିକର ପରିମାର୍ଜନ କରା ନଯାଏ, ତେବେ ଏହା ଜୀବନର ମହାଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟରେ ଦୁର୍ଗତିର କାରଣ ହୋଇଥାଏ । ଏଣୁ ଏହି ଲୋକ-ପରଲୋକରେ ସୁଖ-ଶାନ୍ତି ଓ ସଦ୍‌ଗତି ପାଇବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ନିଜ ଜୀବନର ସୁଖ-ଶାନ୍ତି ଛଡ଼ାଇ ନେଉଥିବା ନକାରାତ୍ମକ କର୍ମଗୁଡ଼ିକୁ ଚିହ୍ନିବା ଆବଶ୍ୟକ । ନକାରାତ୍ମକ କର୍ମଗୁଡ଼ିକ ପ୍ରତି ପ୍ରାୟ ଉପେକ୍ଷାର ଭାବ ରହିଥାଏ ଏବଂ ଗୁରୁତ୍ୱହୀନ, ଭାବବିହୀନ, ଅଗଭୀର ରୂପେ କର୍ମକାଣ୍ଡର ଉପଚାର ଓ ଈଶ୍ୱରଙ୍କ ତୋଷାମଦ, ବିନତୀ ଭଳି ନୃତ୍ୟଗୁଡ଼ିକ ମାଧ୍ୟମରେ ଜୀବନରେ ସକାରାତ୍ମକ ପରିଣାମଗୁଡ଼ିକୁ ପ୍ରାପ୍ତ କରିବା ଆଶାରେ ବିଡ଼ମ୍ବନା ହିଁ ଚାଲିଥାଏ । ଏହା ଯୋଗୁଁ ଅଧିକାଂଶତଃ ନିରାଶା ମିଳେ ଏବଂ ବ୍ୟକ୍ତି ଜୀବନର ପରିଷ୍କାର କରିବା ପରିବର୍ତ୍ତେ ଜ୍ଞାତ-ଅଜ୍ଞାତରେ ହେୟ କର୍ମଗୁଡ଼ିକରେ ଲିପ୍ତ ରହିଥାଏ ।

ନିଜର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ରଖିବା ଓ ନିଜର କ୍ଷତି କରିବାକୁ ଏକ ପ୍ରକାର ପାପକର୍ମ ହିଁ କୁହାଯାଇପାରେ, ଯାହାର ଅନ୍ତର୍ଗତ ଆହାର ବିହାରର ଅସଂଯମ, ନିଶାସେବନ, ଧୂମପାନ, ମଦ୍ୟପାନ, ମାଂସାହାର ଭଳି ଅଭକ୍ଷ ଆହାର ଗ୍ରହଣ ରହିଛି । ଶ୍ରମବିମୁଖ ହେବା, ଶ୍ରମର ସମ୍ମାନ ନ କରିବା, କାମଚୋରି, ବ୍ୟାୟାମ ନ କରିବା ତଥା ଆଳସ୍ୟରେ ସମୟ ନଷ୍ଟ କରିବା – ଏସବୁ ଶାରୀରିକ ସ୍ତରରେ ବ୍ୟକ୍ତିକୁ ଅଧୋଗତି ଦିଗରେ ନେଇଯାଏ । ଜୀବନକୁ ବ୍ୟର୍ଥ ରାଗ-ରଙ୍ଗ, ମଉଜ-ମଜଲିସରେ ବିତାଇଦେବା ମଧ୍ୟ କର୍ମଗୁଡ଼ିକୁ ନଷ୍ଟ କରିଦେବା ପରି କାମ ହୋଇଥାଏ ।

ନିଜର ସ୍ୱଧର୍ମ ଚିହ୍ନିବାର ଚେଷ୍ଟା ନ କରିବା ଏକ ପ୍ରକାର ପାପକର୍ମ, ଯାହାର ଦଂଶନକୁ ବ୍ୟକ୍ତି ଜୀବନ ସାରା ଭୋଗିଥାଏ । ଏହାକୁ ପୂରଣ କରି ନ ପାରିବାର ଦୁଃଖ ଜୀବନ ଯାକ ବ୍ୟକ୍ତିକୁ ଅଶାନ୍ତ-କ୍ଳାନ୍ତ ଓ ଦୁଃଖୀ କରି ରଖିଥାଏ । ଏହି କାରଣରୁ ବ୍ୟକ୍ତି ନିଜର କର୍ତ୍ତବ୍ୟଗୁଡ଼ିକ ପ୍ରତି ବିମୁଖ ହୋଇଥାଏ ତଥା ଦାୟିତ୍ୱଗୁଡ଼ିକ ଠାରୁ ମୁହଁ ମୋଡ଼ିନିଏ ।

ଏହାର ବିସ୍ତାର ମାତାପିତାଙ୍କ ସେବା-ଶୁଶ୍ରୂଷା ନ କରିବା, ପିଲା ଓ ଆଶ୍ରିତମାନଙ୍କ ପ୍ରତି କର୍ତ୍ତବ୍ୟରେ ଅବହେଳା କରିବା ରୂପରେ ହୋଇଥାଏ । ନିଜ ପ୍ରତି କ୍ଷୁବ୍ଧ, ନିଜ ଜୀବନ ପ୍ରତି ବିଚଳିତ ବ୍ୟକ୍ତି ନିଜର ବାଣୀ ଓ ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ମାନସିକ ଆଘାତ ଦେଇଥାଏ, ଭାବନାତ୍ମକ ଆଘାତ ଦେଇଥାଏ ଏବଂ ସ୍ୱୟଂ ଦୁଃଖର କାରଣ ହୋଇଥାଏ – ଏସବୁ ସମ୍ମିଳିତ ରୂପେ ତା' ଜୀବନରେ କର୍ମଗୁଡ଼ିକର ରହସ୍ୟକୁ ଜଟିଳ କରିଦିଏ ।

ଏହି କାରଣରୁ ବ୍ୟକ୍ତି ପରିସ୍ଥିତିଗୁଡ଼ିକର ସାମନା କରିପାରେ ନାହିଁ, ସେଗୁଡ଼ିକରେ ନିହିତ ସତ୍ୟର ସମ୍ମୁଖୀନ ହେବା ପାଇଁ ସଂକୋଚ କରିଥାଏ ତଥା ଜୀବନର ସମସ୍ୟାଗୁଡ଼ିକର ସଠିକ୍ ରୂପେ ସମାଧାନ କରିପାରେ ନାହିଁ । ସେ ପରିବାରରେ ପିଲାମାନଙ୍କୁ ଉତ୍ତମ ସଂସ୍କାର ଦେଇପାରେ ନାହିଁ, ଯାହା ଫଳରେ ପିଲାମାନେ ନଷ୍ଟ ହୋଇଯିବା ସୁନିଶ୍ଚିତ ହୋଇଯାଏ ତଥା ପାରିବାରିକ ସୁଖ-ଶାନ୍ତି ସ୍ଥାନରେ କଳହ–କ୍ଳେଶ ଓ ଅଶାନ୍ତର ବାତାବରଣ ନିର୍ମିତ ହୋଇଯାଏ ।

ବାହ୍ୟ ଜୀବନରେ ଆନ୍ତରିକ ସାହସ ଅଭାବରୁ ବ୍ୟକ୍ତି ଦୁଷ୍ଟତାକୁ ବରଦାସ୍ତ କରିଥାଏ, ସତ୍ୟକୁ କହିବା ଓ ସତ୍ୟ ପକ୍ଷରେ ଠିଆ ହେବାର ସାହସ ତା'ଠାରେ ରହେ ନାହିଁ ତଥା ନକାରାତ୍ମକ ବ୍ୟକ୍ତିମାନଙ୍କ ମନ୍ଦ ଆଚରଣକୁ ସହ୍ୟ କରିବା ତା'ର ଅଭ୍ୟାସ ହୋଇଯାଏ । ଏଭଳି ସ୍ଥିତିରେ ଦୁଷ୍ଟତାର ଉତ୍ସାହକୁ ବଢ଼ିବା ପାଇଁ ସୁଯୋଗ ଦେବା ମଧ୍ୟ ପାପ ହୋଇଥାଏ ।

ଏହା ସହିତ ଅନ୍ୟମାନଙ୍କୁ ମନ୍ଦ କାର୍ଯ୍ୟ ବା ଭୁଲ ରାସ୍ତାରେ ଯିବା ପାଇଁ ଉତ୍ସାହିତ କରିବା, ଉତ୍ତେଜିତ କରିବା ମଧ୍ୟ ନୀଚ କର୍ମଗୁଡ଼ିକର କାରଣ ହୋଇଥାଏ । ନକାରାତ୍ମକ କର୍ମର ସବୁଠାରୁ ଘାତକ ସ୍ୱରୂପ ଆତ୍ମହତ୍ୟା ପରି ଜଘନ୍ୟ ଅପରାଧ ରୂପେ ଦେଖାଯାଏ, ଯେଉଁଥିରେ ସେ ଈଶ୍ୱରଙ୍କ ପ୍ରଦତ୍ତ ଜୀବନ ରୂପୀ ବହୁମୂଲ୍ୟ ଉପହାରର ଅପମାନ କରିଥାଏ । ଏହାର ଫଳ ତାକୁ କେତେ ଜନ୍ମ ପର୍ଯ୍ୟନ୍ତ ନୀଚ ଯୋନିଗୁଡ଼ିକରେ ଭ୍ରମଣ, ଘୋର ଆନ୍ତରିକ ଯନ୍ତ୍ରଣା ରୂପେ ଭୋଗିବାକୁ ପଡ଼ିଥାଏ ।

ଏହିପରି ନକାରାତ୍ମକ କର୍ମଗୁଡ଼ିକର ବୋଝରେ ଏଇ ସୁରଦୁର୍ଲଭ ଜୀବନ ଭାରାକ୍ରାନ୍ତ ହୋଇଯାଏ । ଏହି ଭାରରୁ ମୁକ୍ତ ହେବା ସକାଶେ ସତତ ସତ୍‌କର୍ମଗୁଡ଼ିକର ପୁଣ୍ୟ ସମ୍ପଦ ଅର୍ଜନ କରିବାର ପ୍ରଚେଷ୍ଟା ହିଁ ରାଜମାର୍ଗ । ଏହା ଅନ୍ତର୍ଗତ ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନଲିଖିତ ଉପାୟଗୁଡ଼ିକ ଅବଲମ୍ବନ କରିବା ଉଚିତ ।

ନିଜର ସ୍ୱଧର୍ମ ଖୋଜିବା ପାଇଁ ପ୍ରତିଦିନ କିଛି ସମୟ ଲଗାନ୍ତୁ ଏବଂ ଏକ ଉଦ୍ଦେଶ୍ୟପୂର୍ଣ୍ଣ ଜୀବନଯାପନ କରିବାର ସଚ୍ଚୋଟ ପ୍ରୟାସ କରନ୍ତୁ । ନିଜ ଜୀବନର ବିଷମ ପରିସ୍ଥିତିଗୁଡ଼ିକ ପାଇଁ କେବେହେଲେ ଅନ୍ୟମାନଙ୍କୁ ଦାୟୀ କରନ୍ତୁ ନାହିଁ ଏବଂ ନିଜର ଅସଫଳତା ହେତୁ ନିଜକୁ ଦାୟୀ ମାନନ୍ତୁ । ଜୀବନରେ ସମସ୍ୟାଗୁଡ଼ିକ ଠାରୁ ପଳାୟନ କରନ୍ତୁ ନାହିଁ, ଏଗୁଡ଼ିକୁ ସାମନା କରନ୍ତୁ ତଥା ସ୍ୱୀକାର କରନ୍ତୁ । ପ୍ରତ୍ୟେକ ବାଧା ଏକ ପରୀକ୍ଷା ରୂପେ କିଛି ଶିକ୍ଷା ଦେବା ପାଇଁ ଆସିଥାଏ, ଯାହାର କଷଟିରେ ନିଜର ପରୀକ୍ଷଣ କରି, ଆବଶ୍ୟକ ଶିକ୍ଷା ନେଇ ଭାବୀ ଜୀବନକୁ ଆହୁରି ଉତ୍କୃଷ୍ଟ କରାଇ ପାରିବେ ।

ଏହିପରି ନିଜର ସ୍ଥିତିକୁ ବଦଳେଇବା ପାଇଁ ସଚ୍ଚୋଟ ଇଚ୍ଛା ରଖନ୍ତୁ ଏବଂ ଏହାକୁ ବୁଦ୍ଧିମତାପୂର୍ବକ ନିର୍ବାହ କରନ୍ତୁ । ନିଜର ଛୋଟରୁ ଛୋଟ କର୍ମ ଓ ଭାବ– ଚିନ୍ତନ ପ୍ରତି ସଚେଷ୍ଟ ରହନ୍ତୁ ଏବଂ ଯଦି କେଉଁଠି କୌଣସି ତ୍ରୁଟି ହେଉଛି ତାହାର ପରିମାର୍ଜନ କରି ନିତ୍ୟ ଆନ୍ତରିକ ଶୁଦ୍ଧତା ଆଣନ୍ତୁ ।

ଅନ୍ୟମାନଙ୍କ ସହ ତୁଳନା କରନ୍ତୁ ନାହିଁ । ଅନ୍ୟମାନେ କାହିଁକି ସୁଖୀ, ପ୍ରତିଭାବାନ୍, ଏହା ପଛରେ ନିହିତ କାରକଗୁଡ଼ିକୁ ଖୋଜନ୍ତୁ, ସେଗୁଡ଼ିକରୁ ପ୍ରେରଣା ନିଅନ୍ତୁ ଏବଂ ନିଜର ସ୍ୱତନ୍ତ୍ର ବିକାଶ ପ୍ରତି ସଚେଷ୍ଟ ହୋଇଯାନ୍ତୁ । ପ୍ରତ୍ୟେକ ସ୍ଥିତିରେ ଅନ୍ୟମାନଙ୍କର ଯଥାସମ୍ଭବ ସହାୟତା କରନ୍ତୁ ଏବଂ ଉତ୍ତମରୁ ଉତ୍ତମ କର୍ମ କରିଚାଲନ୍ତୁ । ନିଜ ମନକୁ ନିୟନ୍ତ୍ରିତ ରଖନ୍ତୁ, ଅନ୍ତରାତ୍ମାର ଧ୍ୱନିକୁ ଶୁଣନ୍ତୁ ଏବଂ ସତ୍‌ମାର୍ଗରେ ଐତିହାସିକ ପଦକ୍ଷେପ ନେଇ ଚାଲନ୍ତୁ ।

ବାସ୍ତବରେ ଦୁଃଖ, କଷ୍ଟ ଓ ରୋଗ ଭଳି ବିଷମତାଗୁଡ଼ିକ ବ୍ୟକ୍ତିକୁ ବିଶୁଦ୍ଧ କରିବା ପାଇଁ ଆସୁଥିବା ଦୁର୍ଲଭ ଅବସର ପରି ହୋଇଥାଏ, ଯାହା ମାଧ୍ୟମରେ ଜୀବାତ୍ମା ଏହି ଜନ୍ମ ଓ ପୂର୍ବଜନ୍ମଗୁଡ଼ିକର ଋଣକୁ ଶୀଘ୍ର ପରିଶୋଧ କରି ପାରିବେ ।

ଯେତେବେଳେ ଆମେ ଏକଥାକୁ ହୃଦୟଙ୍ଗମ କରି ସାହସ ଓ ମନ୍ଦହାସର ସହିତ ନିଜ ସମସ୍ୟାଗୁଡ଼ିକର ସମ୍ମୁଖୀନ ହୋଇଥାଉ, ସେତେବେଳେ ଆମେ ଈଶ୍ୱରୀୟ ପ୍ରୟୋଜନରେ ସହଯୋଗ ଦେଇଥାଉ ଏବଂ ଅସ୍ତିତ୍ୱ ସହିତ ନ୍ୟାୟ କରିଥାଉ । ଏହା ପରିବର୍ତ୍ତେ ଯେବେ ଆମେ ଅଭିଯୋଗ କରୁ, ନିଜକୁ ଉତ୍ତରଦାୟୀ ନ କରି ପର ଉପରେ ଦୋଷାରୋପଣ କରୁ, ତ କର୍ମଗୁଡ଼ିକର ବୋଝ ଆହୁରି ବଢ଼ିଯାଏ । କେବେ କେବେ କର୍ମଗୁଡ଼ିକର ହିସାବ ପରିଶୋଧର ଗତି ବହୁତ ଧୀମା ହୋଇଥିବା, ଦୁଃଖ-କଷ୍ଟଗୁଡ଼ିକର କୌଣସି ଅନ୍ତ ନ ଥିବା ପରି ମନେହୁଏ, ଏହା ସତ୍ତ୍ୱେ ଆତ୍ମପରିଷ୍କାରର କାର୍ଯ୍ୟ ଚାଲିଥାଏ । ଏଭଳି ସ୍ଥିତିରେ ସମସ୍ୟାଗୁଡ଼ିକୁ ସାହସର ସହ ମୁକାବିଲା କରନ୍ତୁ ଓ ଧୈର୍ଯ୍ୟ ଧରନ୍ତୁ । ଆପଣ ସମସ୍ୟାଗୁଡ଼ିକ ଠାରୁ ବଡ଼, ସେଗୁଡ଼ିକ ଅଧିକ ସମୟ ପର୍ଯ୍ୟନ୍ତ ଆପଣଙ୍କ ସମକ୍ଷରେ ଟିକି ପାରିବେ ନାହିଁ, ଅନ୍ଧାର ରାତି ପରେ ଶୀଘ୍ର ସକାଳ ଆସିବ–ଏପରି ମନୋଭାବ ରଖନ୍ତୁ ।

ଏଠାରେ ନକାରାତ୍ମକ ତତ୍ତ୍ୱଗୁଡ଼ିକ ପ୍ରତି ସାବଧାନତାର ଆବଶ୍ୟକତା ରହିଛି ; କାରଣ ଆପଣଙ୍କୁ ନୀଚ ଦେଖାଇବା ଓ ଅପରାଧ ବୋଧରେ ଗ୍ରସ୍ତ ରହିବା ଅଥବା ଆପଣଙ୍କ ମୌଳିକ ଅଦ୍ୱିତୀୟତା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଆପଣଙ୍କୁ ନକାରାତ୍ମକ ଭାବରେ ଭରିଦେବାର ଅଧିକାର ବା ସ୍ୱୀକୃତି କାହାରିକୁ ବି ଦିଆଯାଇ ପାରିବ ନାହିଁ । ଏଣୁ ନିଜ ଜୀବନର ସୁଖ-ଶାନ୍ତି ଓ ସ୍ୱତନ୍ତ୍ର ବିକାଶ ନିମନ୍ତେ ନକାରାତ୍ମକ ତତ୍ତ୍ୱଗୁଡ଼ିକର ଅନଧିକାର ଚେଷ୍ଟାଗୁଡ଼ିକୁ ସ୍ୱୀକାର ନ କରିବା, ସତ୍‌ପାତ୍ରମାନଙ୍କ ସହିତ ହୃଦୟର ଭାବ ବିନିମୟ କରିବା ତଥା ଅଭାବଗ୍ରସ୍ତଙ୍କ ସହାୟତା କରିବା ଆବଶ୍ୟକ ।

ଜୀବନର ସମସ୍ୟାଗୁଡ଼ିକୁ ସମାଧାନ କରିବାର ଆଧାରିକ ଉପାୟ ହେଉଛି– କାହାରିକୁ ଦୋଷ ଦିଅନ୍ତୁ ନାହିଁ, ମନରେ ଦୁଃଖ ପାଳନ୍ତୁ ନାହିଁ ଓ ସକାରାତ୍ମକ ହୋଇ ରହନ୍ତୁ । ଜୀବନରେ ଘଟୁଥିବା ପ୍ରତ୍ୟେକ ଉତ୍ତମ ଘଟଣା ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ । ଖରାପ ସମୟକୁ ଖୋଲା ହୃଦୟରେ ସ୍ୱୀକାର କରନ୍ତୁ । ଏହା ସାଙ୍ଗକୁ ସୁଖ ସମୟରେ ଯଦି ସଜାଗ ରହିବେ, ତେବେ ଦୁଃଖ ଆସିଲେ ତାହା ପଛରେ ନିହିତ ଦୈବୀ ପ୍ରୟୋଜନକୁ ବୁଝି ପାରିବେ ଏବଂ ପ୍ରକୃତି ଅର୍ଥରେ ଜୀବନର ଆନନ୍ଦ ଲାଭ କରି ପାରିବେ । ଯେଉଁମାନେ ଜ୍ଞାତ-ଅଜ୍ଞାତ ରୂପେ ଆପଣଙ୍କର ସହାୟତା କରିଥିବେ, ସେମାନଙ୍କ ପ୍ରତି କୃତଜ୍ଞତା, ଧନ୍ୟବାଦ ଓ ପ୍ରାର୍ଥନାର ଭାବରେ ଭରି ରହନ୍ତୁ । ପ୍ରକାଶ ଆଡ଼କୁ ଆମେ ଯେତିକି ବଢ଼ି ଚାଲିବା, ଅନ୍ଧକାର ସେତିକି ପଛରେ ପଡ଼ିଯିବ ଏବଂ ଆମେ ସର୍ବଦା ଆଲୋକିତ ପଥରେ ଅଗ୍ରସର ହେଉଥିବା ।

# ନ୍ୟାୟ ଦର୍ଶନ ଓ ବୈଶେଷିକ ଦର୍ଶନ



ଡକ୍ଟର ପ୍ରମୋଦ କୁମାର ପଣ୍ଡା

**ପା**ଞ୍ଚ ଅଧ୍ୟାୟ ବିଶିଷ୍ଟ ନ୍ୟାୟ ଦର୍ଶନ ମୁନି ଗୌତମ ପ୍ରଣୀତ । ପାଞ୍ଚ ଶହ ଅଠେଇଶ ସୂତ୍ରଯୁକ୍ତ । ବୈଜ୍ଞାନିକ ଦୃଷ୍ଟିକୋଣ ପର୍ଯ୍ୟବେସିତ । ଅନୁଭୂତି, ଅନୁମାନ, ତୁଳନା, ମୌଖିକ ସାକ୍ଷ, ବିଶ୍ଳେଷଣ ଏବଂ ତର୍କ ବାସ୍ତବ ଜ୍ଞାନପ୍ରାପ୍ତିର ଉପଯୁକ୍ତ ମାଧ୍ୟମ । ଏହା ନ୍ୟାୟ ସୂତ୍ର କହେ । ତତ୍ତ୍ୱଜ୍ଞାନ ମୋକ୍ଷର ମାର୍ଗ ଖୋଲେ । ମୋକ୍ଷ ପାଇଁ ପ୍ରମାଣ ଓ ପ୍ରମେୟର ଜ୍ଞାନ ଆବଶ୍ୟକ । ଜ୍ଞାନେନ୍ଦ୍ରିୟ ଦ୍ୱାରା କୌଣସି ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ବସ୍ତୁର ଯଥାର୍ଥ ଜ୍ଞାନ ପ୍ରମାଣ ଅଟେ । ପ୍ରମେୟକୁ ଜାଣିବା ପାଇଁ ଚାରି ପ୍ରକାର ପ୍ରମାଣର ଆବଶ୍ୟକତା ରହିଛି । ପ୍ରତ୍ୟକ୍ଷ, ଅନୁମାନ, ଉପମାନ ଓ ଶବ୍ଦ । ପ୍ରମେୟ ବାର ପ୍ରକାର । ଆତ୍ମା, ଶରୀର, ଇନ୍ଦ୍ରିୟ, ଅର୍ଥ, ବୁଦ୍ଧି, ମନ, ପ୍ରବୃତ୍ତି, ଦୋଷ, ପ୍ରେତ୍ୟଭାବ, ଫଳ, ଦୁଃଖ ଓ ଅପବର୍ଗ । ଷୋହଳ ପଦାର୍ଥର ତତ୍ତ୍ୱଜ୍ଞାନ ହେଲେ ମୁକ୍ତି ମିଳେ । ଚାରି ପ୍ରକାର ପ୍ରମାଣ, ବାର ପ୍ରକାର ପ୍ରମେୟ, ସଂଶୟ, ପ୍ରୟୋଜନ, ଦୃଷ୍ଟାନ୍ତ, ସିଦ୍ଧାନ୍ତ, ଅବୟବ, ତର୍କ, ନିର୍ଣ୍ଣୟ, ବାଦ, ଜଳ୍ପ, ବିତଣ୍ଡା, ହେତ୍ୱାଭାସ, ଛଳ, ଜାତି ଓ ନିଗ୍ରହସ୍ଥାନ ।

ଆତ୍ମା ଦ୍ରଷ୍ଟା, ଭୋକ୍ତା, ନିତ୍ୟ, ସର୍ବଜ୍ଞ ଓ ସର୍ବବ୍ୟାପକ ଅଟେ । ଆତ୍ମା ମାନେ ଜୀବତ୍ମା । ବଦ୍ଧ ଆତ୍ମା । ପ୍ରତ୍ୟେକ ଶରୀରରେ ଭିନ୍ନଭିନ୍ନ ଜୀବତ୍ମା ଥାଏ । ଆତ୍ମା ଶରୀରର ସୁଖ ଓ ଦୁଃଖକୁ ଭୋଗ କରିଥାଏ । ମୁକ୍ତି ପରେ ମଧ ଗୋଟିଏ ଜୀବତ୍ମା ଅନ୍ୟ ଜୀବତ୍ମାରୁ ଭିନ୍ନ । ସ୍ୱତନ୍ତ୍ର । ସ୍ୱଭାବତଃ, ଏହା ଜଡ଼ । ଅଚୈତନ୍ୟ ଅଟେ । ମନ ସହିତ ବିଶେଷ ସଂଯୋଗ ଘଟିଲେ ଜୀବାତ୍ମାର ଜ୍ଞାନ ଉତ୍ପତ୍ତି ହୁଏ । ଭଲ ଓ ମନ୍ଦ କାର୍ଯ୍ୟରୁ ଉତ୍ପନ୍ନ ଭଲ ଓ ମନ୍ଦ ଫଳ ଆତ୍ମା ପାଖରେ ରହେ । ମୃତ୍ୟୁ ପରେ ଜୀବତ୍ମା ଏହି ସଂସ୍କାରକୁ ନେଇ ସ୍ଥୁଳ ଶରୀର ତ୍ୟାଗେ । ଅନ୍ୟ ଏକ ଶରୀରରେ ପ୍ରବେଶ କରେ । ସଂସ୍କାର ଅନୁସାରେ ଫଳ ଭୋଗେ । ଯେଉଁଠି ଇନ୍ଦ୍ରିୟ ରହେ ତାହା ଶରୀର । ଯେଉଁଠି ଜୀବତ୍ମା ସୁଖଦୁଃଖ ଅନୁଭବ କରେ, ତାହା ଶରୀର । ଯାହାକୁ ରୂପ, ରସ, ସ୍ପର୍ଶ, ଗନ୍ଧ ଓ ଶବ୍ଦ ସମ୍ବନ୍ଧୀୟ ଜ୍ଞାନ ହୁଏ ତାହା ଇନ୍ଦ୍ରିୟ । ଇନ୍ଦ୍ରିୟ ଦୁଇ ପ୍ରକାରର । ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ । ବାହ୍ୟ ଇନ୍ଦ୍ରିୟ ଓ ଅନ୍ତଃ ଇନ୍ଦ୍ରିୟ । ମନ ଅନ୍ତରିନ୍ଦ୍ରୀୟ । ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦକୁ ନ୍ୟାୟ ଶାସ୍ତ୍ରରେ ଅର୍ଥ କୁହାଯାଏ । ଉପଲବ୍ଧି ତଥା ଜ୍ଞାନ ବୁଦ୍ଧି ଅଟେ । ମନ ନିତ୍ୟ ଅଟେ । ମୃତ୍ୟୁ ସହିତ ମନ ସ୍ଥୁଳ ଶରୀର ଛାଡେ । ଅନ୍ୟ ଶରୀରରେ ପ୍ରବେଶ କରେ । ମୋକ୍ଷ ଅବସ୍ଥାରେ ମଧ ମନ ଜୀବାତ୍ମା ସହିତ ରହିଥାଏ । ଜୀବାତ୍ମାକୁ କେବେ ମଧ ଛାଡି ଯାଏନି ।

କାୟିକ, ବାଚିକ ଏବଂ ମାନସିକ କାର୍ଯ୍ୟର ପ୍ରାରମ୍ଭକୁ ପ୍ରବୃତ୍ତି କୁହାଯାଏ । ରାଗ, ଦ୍ୱେଷ, ମୋହ କାରଣରୁ ପ୍ରବୃତ୍ତି ଜନ୍ମ ନିଏ । ଏସବୁ ଦୋଷ ଅଟେ । ମୃତ୍ୟୁ ପରେ ଜୀବାତ୍ମା ଯେତେବେଳେ ଅନ୍ୟ ଶରୀରରେ ସ୍ଥିତ ହୁଏ ତାକୁ ପ୍ରେତ୍ୟଭାବ କୁହାଯାଏ । ସୁଖଦୁଃଖର ଅନୁଭବ ପ୍ରକ୍ରିୟା ଫଳ ଅଟେ । ଅନୁକୂଳ ଭାବ ସୁଖ ଏବଂ ପ୍ରତିକୂଳ ଭାବ ଦୁଃଖ । ଦୁଃଖ ମାନେ ପୀଡା, ତାପ, କ୍ଳେଶ ଇତ୍ୟାଦି । ମୋକ୍ଷର ଅନ୍ୟନାମ ଅପବର୍ଗ । ଏକୋଇଶ ପ୍ରକାର ଦୁଃଖ ଓ ସେମାନଙ୍କ କାରଣ ବିନାଶ ହେଲେ ମୋକ୍ଷ ମିଳେ । ସଂଶୟ ନ୍ୟାୟ ଶାସ୍ତ୍ରର ତୃତୀୟ ତତ୍ତ୍ୱ । ବସ୍ତୁର ଦୁଇଟି ଭିନ୍ନଭିନ୍ନ ପଦାର୍ଥର ଧର୍ମ ଦେଖାଦେଲେ ଓ ଏହି ଦୁଇ ପଦାର୍ଥକୁ ପରସ୍ପରଠୁଁ ପୃଥକ କରିବାର ପଥ ରୁଦ୍ଧହେଲେ ସଂଶୟ ସୃଷ୍ଟି ହୁଏ । ସଂଶୟ ବିନା ତର୍କ ସମ୍ଭବ ନୁହେଁ । ତର୍କ ଅଭାବରେ ନିର୍ଣ୍ଣୟ ନେବା କଷ୍ଟକର । ଯାହାଦ୍ୱାରା ପ୍ରେରିତ ହୋଇ ମଣିଷ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୁଏ ତାହା ପ୍ରୟୋଜନ । ପ୍ରୟୋଜନ ପୂରଣ ପାଇଁ ବ୍ୟକ୍ତି କରୁଥିବା କର୍ମ ଅନୁରୂପ ସୁଖ କିମ୍ବା ଦୁଃଖ ପ୍ରାପ୍ତ କରାଇଥାଏ । ଦୃଷ୍ଟାନ୍ତକୁ ଉଦାହରଣ କୁହାଯାଏ । କୌଣସି କଥାକୁ ପ୍ରମାଣ ଦ୍ୱାରା ମାନିନେବା ପ୍ରକ୍ରିୟା ସିଦ୍ଧାନ୍ତ ଅଟେ । ସ୍ଥିରମତ ସଂଗ୍ରହ । ସିଦ୍ଧାନ୍ତ ଦ୍ୱାରା ବିଚାର ସ୍ଥାପିତ ହୁଏ । ସ୍ୱୀକୃତି ମିଳେ । ସିଦ୍ଧାନ୍ତ ମାନେ ସିଦ୍ଧିର ଅନ୍ତ । ଅନୁମାନ କରିବା ପ୍ରକ୍ରିୟାରେ ଯେତେସବୁ ବାକ୍ୟର ପ୍ରୟୋଗ ହୁଏ ସେସବୁ ଅବୟବ । ଅନୁମାନର ପାଞ୍ଚଟି ଅବୟବ । ପ୍ରତିଜ୍ଞା, ହେତୁ, ଉଦାହରଣ, ଉପନୟ ଓ ନିଗମନ । ଉପନୟ ପ୍ରତିଜ୍ଞାର ଅନ୍ତିମ ଅଂଶ । ନିଗମନର ଅର୍ଥ ନିର୍ଦ୍ଧାରଣ ।

ତତ୍ତ୍ୱଜ୍ଞାନ ପ୍ରାପ୍ତି ପାଇଁ ପ୍ରମାଣ ରୁପୀ ସାଧନକୁ ତର୍କ କିମ୍ବା କଥନ ଶୃଙ୍ଖଳା କୁହାଯାଏ । କୌଣସି ବିଷୟରେ ପକ୍ଷ ଓ ବିପକ୍ଷର ବିଚାର ପରେ ଯେଉଁ ବିଷୟରେ ଉଭୟ ପକ୍ଷର ବିଚାର ସ୍ଥିର ହୁଏ ତାହା ନିର୍ଣ୍ଣୟ । ତର୍କ ସମାପ୍ତ ହେଲେ ନିର୍ଣ୍ଣୟ ସ୍ଥାପିତ ହୁଏ । ତତ୍ତ୍ୱଜ୍ଞାନର ଜିଜ୍ଞାସା ପାଇଁ ଦୁଇବା ତତୋଧିକ ବ୍ୟକ୍ତିଙ୍କର ବିଚାର ବିନିମୟକୁ ବାଦ କୁହାଯାଏ । ବାଦ ଜ୍ଞାନର ପରିସର ବ୍ୟାପକ କରିବାରେ ସହାୟକ ହୁଏ । ଦୁଇବା ତତୋଧିକ ପକ୍ଷ ଓ ପ୍ରତିପକ୍ଷ କୌଣସି ଏକ ପକ୍ଷର ସମର୍ଥନ ଓ ଅନ୍ୟ ପକ୍ଷର ଖଣ୍ଡନ ଛଳ ଅଟେ । ଜାତି ତଥା ନିଗ୍ରହସ୍ଥାନ ସନ୍ଦର୍ଭରେ ଛଳର ପ୍ରୟୋଗ ଜଳ୍ପ ଅଟେ । ଯେଉଁ ଜଳ୍ପରେ କୌଣସି ପକ୍ଷର ସମର୍ଥନ କରାଯାଏ ନାହିଁ ତାହା ବିତଣ୍ଡା । କୌଣସି କଥାର କାରଣ କାରଣପରି ପ୍ରତୀୟମାନ ହେଲେ ମଧ ସେଥିରେ ଯଦି କିଛି ଦୋଷ ଥାଏ ତାକୁ ହେତ୍ୟାଭାସ କୁହନ୍ତି । ଅର୍ଥକୁ କଦର୍ଥ କରିବା ହେଉଛି ଛଳ । ସ୍ୱଧର୍ମ ଓ ପରଧର୍ମ ଦ୍ୱାରା କୌଣସି କଥନରେ ଦୋଷ ଦେଖେଇବା ହେଉଛି ଜାତି । ବାଦୀ ଓ ପ୍ରତିବଦୀର ବିପରୀତ ଜ୍ଞାନ ନିଗ୍ରହସ୍ଥାନ ଅଟେ ।

ଉପର ବର୍ଣ୍ଣିତ ଷୋହଳ ତତ୍ତ୍ୱକୁ ସଠିକ ଜାଣିବା ଏବଂ ବୁଝିବା ପରମତତ୍ତ୍ୱ ଜ୍ଞାନ । ଜ୍ଞାନ ଦୁଇପ୍ରକାର । ସ୍ମରଣରୂପୀ ଓ ଅନୁଭବରୂପୀ । ଅନୁଭବରୂପୀ ଜ୍ଞାନ ପରମତତ୍ତ୍ୱ । ପରମତତ୍ତ୍ୱଜ୍ଞାନ ଯୋଗୁଁ ମୁକ୍ତି ମିଳେ । ସୃଷ୍ଟି ଓ ବିନାଶ ଈଶ୍ୱରଙ୍କ ଇଛାରେ ହୁଏ । ମୁକ୍ତ ଅବସ୍ଥା ଓ ସଂସ୍କାର ଅବସ୍ଥା ମଧ୍ୟରେ ପାର୍ଥକ୍ୟ ରହିଛି । ସଂସ୍କାର ଅବସ୍ଥାରେ ଜ୍ଞାନ, ସୁଖ, ଦୁଃଖ ଇତ୍ୟାଦି ଗୁଣ ବିଦ୍ୟମାନ ଥାଏ । ମୁକ୍ତ ଅବସ୍ଥାରେ ଏସବୁ ଗୁଣ ନ ଥାଏ ।

ବୈଶେଷିକ ଦର୍ଶନର ପ୍ରଣେତା ମହର୍ଷି କଣାଦ ଅଟନ୍ତି । ଏହା ଦଶ ଅଧ୍ୟାୟ ଓ ୩୭୦ ସୂତ୍ର ବିଶିଷ୍ଟ । ମହର୍ଷି କଣାଦଙ୍କ ପିତା ଔଲୁକ୍ୟ । କାଶ୍ୟପ ଗୋତ୍ରଧାରୀ । ସେହେତୁ ବୈଶେଷିକ ଦର୍ଶନକୁ ଔଲୁକ୍ୟ ଦର୍ଶନ କୁହାଯାଏ । କାଶ୍ୟପୀୟ ଦର୍ଶନ ଭାବେ ମଧ ଏହା ଖ୍ୟାତ ।

ସମସ୍ତ ସାଂସାରିକ ବସ୍ତୁ ପଞ୍ଚଭୁତରରୁ ନିର୍ମିତ । ଜୀବନ୍ତ ପ୍ରାଣୀ ନିଜର କର୍ମଫଳ ଯୋଗୁଁ ପୁରସ୍କୃତ କିମ୍ବା ଦଣ୍ଡିତ ହୁଏ । ସମସ୍ତ ପଦାର୍ଥ ସାତଟି ସ୍ରୋତରୁ ନିର୍ମିତ । ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ, ସମବାୟ ଓ ଅଭାବ । ଗୁଣ ଓ କର୍ମ ଦ୍ରବ୍ୟରେ ନିହିତ । ଦ୍ରବ୍ୟର ଆଶ୍ରିତ । ଦ୍ରବ୍ୟ, ଗୁଣ ଓ କର୍ମଠାରୁ ପୃଥକ । ଗୁଣ ଓ କର୍ମକୁ ଦ୍ରବ୍ୟଠାରୁ ଅଲଗା କରିହେବ କାରଣ ସେମାନେ ଦ୍ରବ୍ୟାଶ୍ରିତ । ଉତ୍ପତ୍ତି କାଳରେ ଦ୍ରବ୍ୟରେ ଗୁଣ ବିଦ୍ୟମାନ ନଥାଏ । ପରମୁହୂର୍ତ୍ତରେ ଦ୍ରବ୍ୟ ଗୁଣକୁ ଧାରଣ କରେ । ଦ୍ରବ୍ୟ ଦୁଇପ୍ରକାର । ନିତ୍ୟ ଓ ଅନିତ୍ୟ । ପୃଥିବୀ, ଜଳ, ତେଜ ଓ ବାୟୁ ଅନିତ୍ୟ । କାଳ, ଆତ୍ମା ଓ ମନ ନିତ୍ୟ । ଆକାଶ ତତ୍ତ୍ୱର ସତ୍ତାକୁ ମଧ ଏହି ଶାସ୍ତ୍ର ସ୍ୱୀକାର କରେ । ଗୁଣ ଦୁଇପ୍ରକାର । ଭୌତିକ ଓ ମାନସିକ ଯାହା ଅନିତ୍ୟ ଅଟେ । ଏହି ଶାସ୍ତ୍ର ଚବିଶ ପ୍ରକାର ଗୁଣକୁ ସ୍ୱୀକାର କରେ । ରଙ୍ଗ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ, ସଂଖ୍ୟା, ପରିଣାମ, ବିଶିଷ୍ଟତା , ସଂଯୋଗ, ବିଭାଗ, ସମୀପତା, ଦୂରସ୍ଥ, ଶଙ୍କା, ସୁଖ, ଦୁଃଖ, ଇଚ୍ଛା, ଘୃଣା, ପ୍ରଯତ୍ନ, ଓଜନିଆ, ତରଳତା, ଶ୍ୟାନତା, ପ୍ରବୃତ୍ତି, ଧର୍ମ ଓ ଅଧର୍ମ । ଗୁଣ ଉଛକର୍ମ ମଧ ଦ୍ରବ୍ୟର ଆଶ୍ରିତ । କର୍ମ ପାଞ୍ଚ ପ୍ରକାର ବୋଲି ବୈଶେଷିକ ଦର୍ଶନ ସ୍ୱୀକୃତି ଦିଏ । ଉତକ୍ଷେପଣ, ଅବକ୍ଷେପଣ, ଆକୁଞ୍ଚନ, ପ୍ରସାରଣ ଓ ଗମନ । ଯାହା ଆଧାରରେ ଅନେକ ଦ୍ରବ୍ୟକୁ ଗୋଟିଏ ବର୍ଗରେ ରଖାଯାଏ ତାକୁ ସାମାନ୍ୟ କୁହାଯାଏ । ସାମାନ୍ୟ ତିନି ଭାଗରେ ବିଭକ୍ତ । ପର, ଅପର ଓ ପରାପର । ପରସାମାନ୍ୟ ସବୁଠାରୁ ଅଧିକ ବ୍ୟାପକ । ଅପରସାମାନ୍ୟ ସର୍ବାପେକ୍ଷା କମ ବ୍ୟାପକ । ପରାପରସାମାନ୍ୟ ପରସାମାନ୍ୟରୁ କମ ଏବଂ ଅପରସାମାନ୍ୟରୁ ଅଧିକ ବ୍ୟାପକ । ବିଶେଷ ସାମାନ୍ୟର ବିପରୀତ, ବିଲୋମ । ଏହା ନିତ୍ୟ, ଅସଂଖ୍ୟ ଓ ଅଦୃଶ୍ୟ । ବିଶେଷ ଦ୍ରବ୍ୟର ବିଭିନ୍ନ ପରମାଣୁ ଅଲଗା ଅଲଗା । ସ୍ୱତନ୍ତ୍ର । ଏପ୍ରକାର ଦ୍ରବ୍ୟର ବିଭିନ୍ନ ପରମାଣୁ ବିଶେଷ ଅଟନ୍ତି । ଦୁଇଟି ବସ୍ତୁ ମଧ୍ୟରେ ଅଭିଯୋଜ୍ୟ ସମ୍ବନ୍ଧକୁ ସମବାୟ କୁହାଯାଏ । ସମବାୟ ସମ୍ବନ୍ଧରେ ଗୋଟିଏ ବସ୍ତୁ ଅନ୍ୟ ବସ୍ତୁଠାରୁ ଅଲଗା ରହିପାରେ ନାହିଁ । ଦ୍ରବ୍ୟ ଓ ଗୁଣ, ଦ୍ରବ୍ୟ ଓ କର୍ମ, ସାମାନ୍ୟ ଓ ବ୍ୟକ୍ତି, ଅବୟବ ଓ ଅବୟବୀ ସମବାୟ ସମ୍ବନ୍ଧ । କୌଣସି ବିଶେଷ ଦ୍ରବ୍ୟର କୌଣସି ବିଶେଷ କାଳ ଓ ସ୍ଥାନରେ ଅନୁପସ୍ଥିତିକୁ ଅଭାବ କୁହାଯାଏ । କଣାଦ ରଚିତ ବୈଶେଷିକ ଦର୍ଶନରେ ଅଭାବ ତତ୍ତ୍ୱର ଉଲ୍ଲେଖ ଦେଖିବାକୁ ମିଳେନାହିଁ । ଭାଷ୍ୟକାରଙ୍କ ଦ୍ୱାରା ଗ୍ରଥିତ ବୋଲି ଅନୁମେୟ ।

ବୈଶେଷିକ ଦର୍ଶନ ଅସ୍ତିକାବାଦୀ । ଈଶ୍ୱରଙ୍କ ସତ୍ତାକୁ ଏହା ବିଶ୍ୱାସ କରେ । ଈଶ୍ୱର ପୂର୍ଣ୍ଣ । ପରମାତ୍ମା ସର୍ବଜ୍ଞ, ସର୍ବବ୍ୟାପକ ଓ ନିତ୍ୟ ଅଟନ୍ତି । ଈଶ୍ୱର ବେଦର ରଚୟିତା, କର୍ମଫଳ ଦାତା । ଜୀବାତ୍ମାର ପାପ ଓ ପୁଣ୍ୟକର୍ମ ଅନୁସାରେ ଫଳ ଦିଅନ୍ତି । ସୃଷ୍ଟି ଓ ବିନାଶ ତାଙ୍କରି ଇଛାରେ ହୁଏ । ଅଜ୍ଞାନତା ଜୀବତ୍ମାର ବନ୍ଧନର କାରଣ । ଜ୍ଞାନ ଦ୍ୱାରା ମୁକ୍ତି ମିଳେ । ଜୀବତ୍ମା କାମନାର ବଶୀଭୂତ ହୋଇ କର୍ମ କଲେ ଦୁଃଖ ପାଏ । ମନ ଓ ଶରୀରରୁ ଅଲଗା ହେଲେ ନିଜ ମୂଳ ସ୍ୱରୂପକୁ ଚିହ୍ନେ । କାମନା ରହିତ ହୁଏ । ଦୁଃଖ ପାଏନି । କାମନା, ଇଛା, ପ୍ରବୃତ୍ତି, ଗୁଣ ସମ୍ପୂର୍ଣ୍ଣ ନାଶ ହୁଏ । ମୋକ୍ଷ ମିଳେ । ମୋକ୍ଷ କାଳରେ ଆତ୍ମାରେ ଚେତନା ଓ ଗୁଣର ଅଭାବ ଦେଖାଦିଏ । ଆତ୍ମା ନିଷ୍କ୍ରିୟ ହୁଏ । ମୁକ୍ତି ମିଳେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

## ଆଧ୍ୟାତ୍ମିକତାର ସାର

**ଅ**ଧ୍ୟାତ୍ମର ଅର୍ଥ ଆତ୍ମାର ଉ ାନ କରୁଥିବା ସମସ୍ତ ତତ୍ତ୍ୱ ଓ ଉପାଦାନ । ଆତ୍ମାର ଉ ାନ ଦୁଇଟି ଆଧାରରେ ହୋଇପାରେ, ପ୍ରଥମରେ ତାହାର ବ୍ୟାପକତ୍ୱ, ଦ୍ୱିତୀୟରେ ତାହାର ଅସ୍ତିତ୍ୱ । ପ୍ରଥମରେ ଆମେ ସମଗ୍ର ସଂସାରରେ ଶାନ୍ତି, ପ୍ରଜ୍ଞା ଓ ଆତ୍ମୋଲ୍ଲାସର ବାତାବରଣ ଉତ୍ପନ୍ନ ହେବା ମୁଁ ଚାହିଁଥାଉ ଏବଂ ଦ୍ୱିତୀୟରେ ନିଜର ଯେଉଁ ପୀଡ଼ାର ମୁଁ ଭାରକୁ ନେଇ ଆମେ ବୁଲିଥାଉ, ସେଥିରୁ ବିମୁକ୍ତ ହେବାର ମୁଁ ପ୍ରକ୍ରିୟା ସକ୍ରିୟ ରହିଥାଏ ।

ଆତ୍ମା ଗୁଣ-କର୍ମ-ସ୍ୱଭାବରୁ ଊର୍ଦ୍ଧ୍ୱକୁ ଉଠିବା, ବ୍ୟବହାର ଜଗତରେ ଇନ୍ଦ୍ରିୟଗୁଡ଼ିକ ମାଧ୍ୟମରେ ଆତ୍ମାର ମୁଁ ଅନନ୍ତ ସତ୍ତାର ଅଭିବ୍ୟକ୍ତି ପ୍ରାପ୍ତ କରିବା ଅଧ୍ୟାତ୍ମ ଅଟେ । ଆଧ୍ୟାତ୍ମିକ ବ୍ୟକ୍ତି ଅନ୍ୟ କାହାର ନୁହେଁ, ବରଂ ନିଜ ଭିତରର ସତ୍ୟ ବସ୍ତୁ ସାହାଯ୍ୟରେ ଜୀବନର ଗୁଣ ଉ ାନ ଦିଗରେ ବଢ଼ିଚାଲେ । ଯେତେବେଳେ ବାସ୍ତବିକ ଜାଗୃତିର ପ୍ରତିଚିହ୍ନ ଦେଖାଯାଏ ତ ଜୀବନର କୌଣସି ପକ୍ଷ ଆନ୍ତରିକ ଏକତ୍ୱର ଭାବନାରେ ଅପୂର୍ଣ୍ଣ ରହିଯାଏ ନାହିଁ ଏବଂ ସେତେବେଳେ ଆମକୁ ଭିତର ଜାଗୃତିର ଫଳିତ ପ୍ରୟାସ ବାହ୍ୟ ଜଗତରେ ଦେଖାଯିବାରେ ଲାଗେ ।

ନିଜର ଅହଂକାରକୁ ବିଗଳିତ କରି ଆମେ ଈଶ୍ୱରଙ୍କର ଦିବ୍ୟ ସନ୍ତାନ ବୋଲାଇବା ସଙ୍ଗେ ସଙ୍ଗେ ନିଜର ଅଧିକାର ମଧ୍ୟରେ ଶକ୍ତିଗୁଡ଼ିକର ସୁନିୟୋଜନ କରିଥାଉ ଓ ଆତ୍ମକୃପା ମଧ ପାଇଥାଉ । ନିଜ ଅନ୍ତରାତ୍ମାର ପ୍ରେରଣାକୁ ଶୁଣିବା ହିଁ ଅଧ୍ୟାତ୍ମର ମୂର୍ତ୍ତ ପକ୍ଷ ତଥା ଏ ଦିଗରେ ଯଦି ଆମକୁ କିଛି ସବଳ କରିଥାଏ, ତ ତାହା ହେଉଛି ଆନ୍ତରିକ ସାହସ ଓ ବିଚାର ବୁଦ୍ଧି । ଏହାର ଅବଲମ୍ବନ ଦ୍ୱାରା ଆଧ୍ୟାତ୍ମିକତା ତ ନିର୍ବାହ ହୁଏ, ତାହା ସହିତ ବିଚାର ପରିଷ୍କାର ଦ୍ୱାରା ବହିରଙ୍ଗ ଜୀବନ ଅତ୍ୟଧିକ ପରିଷ୍କୃତ ଓ ଉନ୍ନତ ହେବାରେ ଲାଗେ ।

ଆଧ୍ୟାତ୍ମିକତାର କଷଟି ହେଉଛି– ନିଜ ଭିତରର ଦ୍ୱନ୍ଦଗୁଡ଼ିକରୁ ମୁକ୍ତି ଓ ପାପ-ତାପର ନାଶ । ଏହାର ପ୍ରାପ୍ତି ପରେ ଜୀବନରେ ଏକ ଅଦ୍ଭୁତ କ୍ରାନ୍ତି ଘଟେ, ଯାହା ଆମକୁ ଅଧାଧିକ ପରିପକ୍ୱ ଏବଂ ଆତ୍ମାର ସତ୍ୟର ଅନୁଶୀଳନରେ ଆହୁରି ଅଧିକ ସମର୍ଥ କରିଥାଏ । ଏହା ଆଧ୍ୟାତ୍ମିକତାର ସାର । ଏହି ସାର ଉତ୍ପନ୍ନ ହେଲେ ବିଚାର ନିର୍ବିକାର ଓ କର୍ମ ଅଲିପ୍ତ ହୋଇ ମନୁଷ୍ୟକୁ ଅଧିକ ଅନ୍ତର୍ମୁଖୀ ଏବଂ ଦ୍ୱନ୍ଦମୁକ୍ତ କରାଇଥାଏ, ସେତେବେଳେ ଜୀବନର ସମସ୍ତ କଠିନତା ଆତ୍ମାର ନିର୍ମଳତା, ନିରପେକ୍ଷତା ଓ ପରିପୂର୍ଣ୍ଣ ଅନ୍ତରଙ୍ଗତାର ପରିଚୟ ପ୍ରାପ୍ତ କରିଥାଏ । ଜୀବନ ଅଧି ସୁସଜ୍ଜିତ ଏବଂ ସନ୍ତୋଷରେ ପରିତୃପ୍ତ ହୋଇଥାଏ ।

ଏହା ହେଉଛି ଅଧ୍ୟାତ୍ମ ଏବଂ ଏହାକୁ ଗ୍ରହଣ କରି କୌଣସି କାଳରେ କୌଣସି ମନୁଷ୍ୟର ଅହିତ ହୋଇ ନାହିଁ ତଥା ଯେଉଁମାନେ ଧନ୍ୟ ହୋଇଛନ୍ତି, ସେମାନେ ଜୀବନ୍ତ ଜାଗ୍ରତ ଉଦାହରଣ ହୋଇ ଅନ୍ୟମାନଙ୍କୁ ମଧ ପ୍ରକାଶିତ କରିବାରେ ସଫଳ ହୋଇଛନ୍ତି । ଏଣୁ ଏହି ଆଧ୍ୟାତ୍ମିକତାକୁ ଗ୍ରହଣ କରନ୍ତୁ ଏବଂ ଜୀବନକୁ ଦୋଷମୁକ୍ତ କରି ଆନ୍ତରିକ ଏକତ୍ୱର ଦିଶାଧାରା ନିର୍ଦ୍ଧାରଣ କରନ୍ତୁ, ଯାହା ଫଳରେ ସନ୍ତୋଷ ଓ ଆନନ୍ଦର ପ୍ରାପ୍ତି ହୋଇ ପାରିବ ।

## ଆଜିର ଚିନ୍ତନ

**କ**ନୌଜର ନୀତି ଓ ଜାତିଚ୍ୟୁତ ବ୍ରାହ୍ମଣ ଅଜାମିଳ କୁଳଟା ଦାସୀକୁ ପତ୍ନୀ କରିଥିଲା । ଯେକୌଣସି ଉପାୟରେ ଧନ ଅର୍ଜନ କରି ସେହି ଦାସୀକୁ ସନ୍ତୁଷ୍ଟ କରିବା ହିଁ ତା'ର କାମ ହୋଇଯାଇଥିଲା । ମାତାପିତା ଓ ନିଜର ସାଧୀ ପତ୍ନୀଙ୍କ ପ୍ରତି କର୍ତ୍ତବ୍ୟଗୁଡ଼ିକୁ ସେ ସମ୍ପୂର୍ଣ୍ଣ ଭୁଲି ଯାଇଥିଲା । ସେ ପତିତ ପ୍ରାୟ ଜୀବନଯାପନ କରୁଥିଲା ।

କୁଳଟା ଦାସୀଠାରୁ ଅଜାମିଳର ଅନେକ ସନ୍ତାନ ଜନ୍ମ ହେଲେ । କୌଣସି ପୁଣ୍ୟବଶତଃ ସେ ନିଜ ସାନ ପୁଅର ନାମ ନାରାୟଣ ରଖିଲା । ତା' ଉପରେ ଅଜାମିଳର ଅପାର ମୋହ ଥିଲା । ଏହି ମୋହଗ୍ରସ୍ତ ସ୍ଥିତିରେ ଅଜାମିଳର ଅନ୍ତିମ ସମୟ ଉପନୀତ ହେଲା ଏବଂ ଯମଦୂତମାନେ ତାକୁ ନେବା ପାଇଁ ପହଞ୍ଚି ଗଲେ ।

ମୋହବଶତଃ ସେ ନିଜର ପ୍ରିୟ ପୁତ୍ରକୁ ଡାକିଲା – ନାରାୟଣ ! ନାରାୟଣ ! ଅଜାଣତରେ ନିଆଯାଇଥିବା - ଏହି ନାମରେ ପ୍ରସନ୍ନ ହୋଇ ଭଗବାନଙ୍କ ପାରିଷଦଗଣ ତୁରନ୍ତ ଧାଇଁ ଆସିଲେ ଏବଂ ସେମାନେ ଯମଦୂତଙ୍କୁ ସେଠାରୁ ଘଉଡ଼ାଇ ଦେଲେ । ସେମାନେ ଯିବା ପରେ ଅଜାମିଳର ଚେତନା ଜାଗ୍ରତ ହେଲା । ଏହି ଘଟଣାରେ ତା'ର ହୃଦୟ ପରିବର୍ତ୍ତିତ ହୋଇଗଲା । ତା'ର ମୋହାସକ୍ତି ସର୍ବଥା ନାଶ ହୋଇଗଲା ।

ନିଜର ପାପକର୍ମଗୁଡ଼ିକ ସକାଶେ ତା' ମନ ଭିତରେ ଘୋର ପ୍ରାୟଶ୍ଚିତ୍ତର ଭାବନା ଜାଗି ଉଠିଲା । ସେ ଘର ଛାଡ଼ି ଗଙ୍ଗା କୂଳରେ ବସି ଭଗବନାମ ଜପ କରିବାରେ ଲାଗିଗଲା । ଅନ୍ତିମ ସମୟ ଆସିବାରୁ ସମସ୍ତ ପାପରୁ ମୁକ୍ତ ହୋଇ ଭଗବତ୍ ଧାମକୁ ପ୍ରାପ୍ତ ହେଲା ।

ବର୍ଷ ୨୯, ସଂଖ୍ୟା - ୧୨, ୨୩ - ୨୯ ମାର୍ଚ୍ଚ ୨୦୨୫


# ଘରୋଇ ଶିକ୍ଷାର ଅନ୍ତରାଳେ

**ଶି**କ୍ଷା ଏମିତି ଏକ ବ୍ୟବସ୍ଥା ଯାହା ମଣିଷର ଜୀବିକା, ଜୀବନଚର୍ଯ୍ୟା, ବ୍ୟବହାର, ଚାଲିଚଳନ ସବୁକିଛି ଉପରେ ପ୍ରତ୍ୟକ୍ଷ ପ୍ରଭାବ ପକାଇଥାଏ । ଶିକ୍ଷା ମଣିଷର କେବଳ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶର ଚାବିକାଠି ନୁହେଁ ବରଂ ମଣିଷର ଚେତନାର ଅବରୁଦ୍ଧ ଦ୍ୱାରକୁ ଖୋଲିବାରେ ଏହା ଖୋରାକ ଯୋଗାଏ । ଏହା ମଣିଷକୁ ଆତ୍ମନିର୍ଭରଶୀଳ ହେବାରେ ଯେତିକି ସାହାଯ୍ୟକରେ ସେତିକି ଆତ୍ମସଂଯମୀ କରାଏ । ଏହା ଅଜ୍ଞତାରୁ ମୁକ୍ତିଦିଏ, ଅନ୍ଧବିଶ୍ୱାସକୁ ପରିହାରରେ, ଅପସଂସ୍କୃତିଠାରୁ ଦୂରେଇ ନିଏ । କିନ୍ତୁ ଶିକ୍ଷା ଯେତେବେଳେ ବିକ୍ରୟ ଓ କ୍ରୟ ପରିସରଭୁକ୍ତ ହୋଇଯିବ ସେତେବେଳେ ପୁଞ୍ଜିନିବେଶର କଥା ଉଠିବ । ଯିଏ ପୁଞ୍ଜିବିନିଯୋଗକରି ଶିକ୍ଷାନୁଷ୍ଠାନ ଖୋଲିବ ସେ ସେଠାରୁ ଲାଭ କେମିତି ଆସିବ ତାହା ଚିନ୍ତା କରିବ । ଲାଭରୁ ଆସିବ ଲୋଭ । ଲୋଭ ବଢ଼ିଲେ ମୂଲ୍ୟବୋଧ କମିବ । ମୂଲ୍ୟବୋଧର ହ୍ରାସ ହେଲେ ଶୋଷଣ ଅବାଧ ଗତିରେ ଚାଲିବ । ଏମିତି ଗୋଟିଏ ବି ଘରୋଇ ଶିକ୍ଷାନୁଷ୍ଠାନ ନାହିଁ ଯେଉଁଠି ଛାତ୍ରୀଛାତ୍ରମାନେ ଶୋଷଣର ଶିକାର ହେଉ ନାହାନ୍ତି । ଏହାକୁ ଅତି ସହଜରେ ବୁଝିହେବ ଯଦି ପ୍ରତ୍ୟେକ ଘରୋଇ ଶିକ୍ଷାନୁଷ୍ଠାନର ଶୈଶବ ଓ କୈଶୋର ଅବସ୍ଥାର ଚେହେରାକୁ ବିଶ୍ଳେଷଣ କରାଯାଏ । ୧୦/୧୫ ବର୍ଷ ଭିତରେ ଅଭୂତପୂର୍ବ ପରିବର୍ତ୍ତନ ଘଟୁଛି ଏହି ଧରଣର ଶିକ୍ଷାନୁଷ୍ଠାନଗୁଡ଼ିକରେ । ବିସ୍ତୀର୍ଣ୍ଣ ପରିସର, ଆଖି ପାଏ ନାହିଁ । ଅନେକ ନଭଶ୍ଚୁମ୍ବୀ ଅଟ୍ଟାଳିକା ଛିଡ଼ା ହୋଇଯାଏ କେତୋଟି ବର୍ଷ ଭିତରେ । ସାଙ୍ଗକୁ ଅତ୍ୟାଧୁନିକ ଭିତ୍ତିଭୂମି, ଆଖି ଝଲସିଲା ଭଳି ସାଜସଜ୍ଜା ସବୁ କିଛିରେ ଯାଦୁକରୀ ପରିବର୍ତ୍ତନ । ଦେଶ ବିଦେଶରୁ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ବହୁ କୋଟି ଟଙ୍କା ବିନିମୟରେ ବହୁଳ ପ୍ରଚାର ଅଭିଯାନ ଚାଲୁଛି । ଏତେ ଅର୍ଥ ଆସୁଛି କେଉଁଠୁ ? ଗୋଟିଏ ମାତ୍ର ଉତ୍ତର ଉତ୍ତମ ଶିକ୍ଷା ପାଇଁ ଯେଉଁ ଛାତ୍ରୀଛାତ୍ରମାନେ ଏହିସବୁ ଶିକ୍ଷାନୁଷ୍ଠାନରେ ଭର୍ତ୍ତି ହେଉଛନ୍ତି ସେମାନଙ୍କ ଅଭିଭାବକଙ୍କଠାରୁ ନିଶ୍ଚୟ । ଆମେ କହିପାରିବା ନାହିଁ ଯେଉଁ ଅଭିଭାବକମାନେ ତାଙ୍କ ପିଲାମାନଙ୍କୁ ଏହିସବୁ ବିଦ୍ୟାଳୟ, ମହାବିଦ୍ୟାଳୟ ଅଥବା ବିଶ୍ୱବିଦ୍ୟାଳୟରେ ପଢ଼ାଉଛନ୍ତି ସେମାନେ ସମସ୍ତେ ଧନୀ ଏବଂ ସମସ୍ତଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ମହଜୁଦ ଅଛି । ଯଦି ନିରପେକ୍ଷ ତଦନ୍ତ କରାଯାଏ ତେବେ ଜଣାପଡ଼ିବ ଯେ ଏମାନଙ୍କ ଭିତରୁ ଅନେକେ ଏହି ଅର୍ଥକୁ ଭରଣାକରିବା ପାଇଁ ଜମିବାଡ଼ି ବିକ୍ରି କରିଦେଉଛନ୍ତି, କେହି କେହି ଋଣ ଯନ୍ତା ଭିତରେ ପଡ଼ି ଛଟପଟ ହେଉଛନ୍ତି ।

ମାତ୍ର ଦିନକୁ ଦିନ ଘରୋଇ ଶିକ୍ଷାର ଚାହିଦା ବଢୁଛି । ଅର୍ଥାତ୍ କ୍ରେତାଙ୍କ ସଂଖ୍ୟା ବଢୁଛି । ଡିଗ୍ରୀଧାରୀ ବେକାର ଯୁବତୀଯୁବକଙ୍କର ଅଭାବ ନାହିଁ, ଯେଉଁମାନେ ପାଠ ପଢ଼ାଇବେ । ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସରକାରୀ ନୀତି ଅତୀବ କୋହଳ । ମିଛସତ କହି ପିଲା ଗୋଟାଇବା ପାଇଁ ଦଲାଲ ଅଛନ୍ତି । ବାସ୍, ଘରଟିଏ ଭଡ଼ା ନେଇ ଶିକ୍ଷା ଶିଳ୍ପଟିଏ ଖୋଲି ଦେଲେ କେଇଟା ଦିନରେ ମାଲାମାଲ୍ । ମାଛତେଲରେ ମାଛ ଭଜାହେବ । ନିଜସ୍ୱ କ୍ୟାମ୍ପସ୍ ତିଆରି କରିବାକୁ ବେଶୀଦିନ ଲାଗିବନାହିଁ । ଆଉ ଯିଏ ନେଇଆଣି ଥୋଇ ପାରିଲା, ପ୍ରଶାସନ ଏବଂ ସରକାରଙ୍କ ସହ ଭିତିରି ସମ୍ପର୍କ ରଖିପାରିଲା ତା'ର କଟେପୁଅ ବାର । ଏହାକୁ ଦେଖାଦେଖି ଏହି ପ୍ରକାର ଶିଳ୍ପ ଗାଆଁଠାରୁ ସହର ଯାଏ ସବୁଠି ଛତୁଫୁଟିବା ପରି ଗଢ଼ି ଉଠିଛି, ଉଠୁଛି । ଆଜି ଦେଶରେ କେତୋଟି ଘରୋଇ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ବିଦ୍ୟାଳୟ ଅଛି ତା'ର ହିସାବ କେହି କହିପାରିବେ ନାହିଁ । ଘରୋଇ ଶିକ୍ଷା ବ୍ୟବସ୍ଥାରେ କେବଳ ଶିକ୍ଷା ଗ୍ରହୀତାମାନେ ଶୋଷଣର ଶିକାର ହେଉଛନ୍ତି ତାହା ନୁହେଁ, ଯେଉଁମାନେ ଶିକ୍ଷା ଦେଉଛନ୍ତି ସେମାନେ ମଧ ଶୋଷିତ ହେଉଛନ୍ତି । ସରକାରୀ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ, ଅଧାପକ, ପ୍ରାଧାପକମାନଙ୍କ ପାଇଁ ମାସିକ ବେତନର ବ୍ୟବସ୍ଥା ଥିବାବେଳେ ଘରୋଇ ଶିକ୍ଷାନୁଷ୍ଠାନରେ ବାର୍ଷିକ ପ୍ୟାକେଜ୍ ତାହା ପୁଣି ମାଲିକଙ୍କ ମର୍ଜି ଉପରେ ନିର୍ଭରକରେ । ବାର୍ଷିକ ଦରମା ବୃଦ୍ଧି ବ୍ୟବସ୍ଥା ରହିବା ସହ ୬ମାସ ଅନ୍ତରରେ ବର୍ଦ୍ଧିତ ମହଙ୍ଗା ଭତ୍ତା ମୂଲ୍ୟ ସୂଚକାଙ୍କକୁ ଦୃଷ୍ଟିରେ ରଖି ପ୍ରଦାନ କରାଯାଏ ସରକାରୀ ସ୍ତରରେ । ସୁନିର୍ଦ୍ଦିଷ୍ଟ ଚାକିରୀ ସର୍ତ୍ତାବଳୀ ସାଙ୍ଗକୁ ଅବସରକାଳୀନ ସୁବିଧା ସୁଯୋଗ ମଧ ରହିଛି । ମାତ୍ର ଘରୋଇ ଶିକ୍ଷାନୁଷ୍ଠାନରେ ଯେଉଁମାନେ ଶିକ୍ଷକତା କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏସବୁର ବ୍ୟବସ୍ଥା ନ ଥିବା ବେଳେ ଯାହା ବି ଅଛି ତା'ର କୌଣସି ସ୍ଥାୟୀତ୍ୱ ନାହିଁ । ଘଡ଼ିକେ ଘୋଡ଼ା ଛୁଟିଲା ଭଳି ନିୟମ ପରିବର୍ତ୍ତନ ହୁଏ । ସରକାରୀ ଭାବେ ନିଯୁକ୍ତ ବେତନ ଆୟୋଗ ଯେଉଁ ବେତନ ନିର୍ଦ୍ଧାରଣ କରନ୍ତି ତାହା କୌଣସି ଘରୋଇ ଶିକ୍ଷାନୁଷ୍ଠାନରେ ଲାଗୁ ହୁଏନାହିଁ । ଏମାନେ ବର୍ଦ୍ଧିତ ବେକାରୀ ହାରର ସୁଯୋଗ ନେଇ ଉଚ୍ଚଶିକ୍ଷିତ ଯୁବତୀଯୁବକଙ୍କୁ କମ୍ ପାରିଶ୍ରମିକ ଦେଇ ବେଶି କାମ ଆଦାୟ କରନ୍ତି । ତଥାପି ଏମାନେ ପ୍ରତିବାଦ କରିପାରନ୍ତି ନାହିଁ । ପାଟି ଖୋଲିଲେ ବହିଷ୍କାରର ଭୟ । ସବୁ ଅନ୍ୟାୟ ଅନୀତିକୁ ମଥାପାତି ମାନି ନିଅନ୍ତି ଏହି ଶିକ୍ଷିତ ଯୁବତୀଯୁବକମାନେ । ଏମିତିକି ସରକାର ନିର୍ଦ୍ଧାରଣ କରିଥିବା କୁଶଳୀ କାରିଗରଠାରୁ ମଧ କମ୍ ପାରିଶ୍ରମିକରେ ଏମାନେ ଶିକ୍ଷାଦାନ କରୁଛନ୍ତି ।

କେବଳ ଶୋଷଣ ନୁହେଁ, ବହୁ ଲକ୍ଷ ଟଙ୍କା ବିନିମୟରେ ଯେଉଁମାନେ ଶିକ୍ଷାକୁ କ୍ରୟ କରୁଛନ୍ତି ସେମାନଙ୍କ ଭିତରେ ଏକ ବ୍ୟବସାୟିକ ମନୋବୃତ୍ତି ସୃଷ୍ଟି ହୋଇଯାଉଛି । ମାନବୀୟ ମୂଲ୍ୟବୋଧ କମି କମି ଆସୁଛି । ଉଦାହରଣ ସ୍ୱରୂପ କୋଟିଏ ଟଙ୍କା ଖର୍ଚ୍ଚକରି ଡାକ୍ତର ହେବା ପରେ ସେ ରୋଗୀ ସେବା କରିବ ନା ଯେକୌଣସି ପ୍ରକାରେ ବହୁ କୋଟି ଟଙ୍କା ଉପାର୍ଜନ କରିବାକୁ ମନ ବଳାଇବ ତାହା ହିଁ ବିଚାର ସାପେକ୍ଷ । ଦ୍ୱିତୀୟରେ ଡାକ୍ତରୀ ପାଠ ପଢ଼ିବା ପାଇଁ ଯେଉଁ ଯୋଗ୍ୟତା ହାସଲ କରିବାକୁ ପଡ଼େ ତାହା ନ କରି ମଧ ପ୍ରଚୁର ଟଙ୍କା ଖର୍ଚ୍ଚକରି ଏହା ଅଧୟନ କରୁଛନ୍ତି । ଏହା କେବଳ ଘରୋଇ ଶିକ୍ଷାନୁଷ୍ଠାନରେ ସମ୍ଭବ ହୋଇପାରେ । ଫଳରେ ଦକ୍ଷତା ଆଜି ସନ୍ଦେହର କାଠଗଡ଼ାରେ । କୌଣସି ଘରୋଇ ଶିକ୍ଷାନୁଷ୍ଠାନ ସାମୂହିକ ଦକ୍ଷତା ଉପରେ ଗୁରୁତ୍ୱ ଦିଏନାହିଁ । ସେଇଥପାଇଁ ସଂଘୀୟ କାର୍ଯ୍ୟକ୍ରମର ଏମାନେ ପରିପନ୍ଥୀ । ବିଦ୍ୟାର୍ଥୀ କେବଳ ନିଜେ ନିଜର ଅଭାବ ଅସୁବିଧା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇପାରିବେ । କିନ୍ତୁ ଅନ୍ୟର ଅସୁବିଧା ସମ୍ପର୍କରେ ଜଣାଇବାର ସ୍ୱାଧୀନତା କାହାକୁ ଦିଆଯାଏ ନାହିଁ । ସଂଘ, ସଙ୍ଗଠନ, ସଂସଦ ଗଢ଼ିବାର ଅଧିକାର ଏଠାରେ ନାହିଁ । ଫଳରେ ଏହିସବୁ ଶିକ୍ଷାନୁଷ୍ଠାନରେ ଯେତେ ଅନ୍ୟାୟ, ଅନୀତି, ଦୁର୍ନୀତି, ଶୋଷଣ, କଷଣ, କେଳେଙ୍କାରୀ ହେଲେ ମଧ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ ଦେଖିବାକୁ ମିଳେ ନାହିଁ । ଭବିଷ୍ୟତକୁ ଦୃଷ୍ଟିରେ ରଖି ସହିଯିବାକୁ ଏମାନେ ବାଧ ହୁଅନ୍ତି । ଭିତରର ଗୁମର ପଦାକୁ ଆସେ ନାହିଁ । ମନଲୋଭା ବାହ୍ୟ ପରିବେଶ, ନିଯୁକ୍ତିର ମିଛ ଗ୍ୟାରେଣ୍ଟି ତଥା ମିଛ ମାନ୍ୟତାକୁ ଲକ୍ଷ୍ୟକରି ଧନ, ମନ, ଯୌବନ ଅଜାଡ଼ି ଦିଅନ୍ତି ଛାତ୍ରୀଛାତ୍ରମାନେ ।

ଶିକ୍ଷାରେ ଘରୋଇକରଣ ଅଥବା ବ୍ୟବସାୟୀକରଣ ଦ୍ୱାରା ମଣିଷର ବୌଦ୍ଧିକ ବିକାଶ ହୁଏତ କେତେକାଂଶରେ ସମ୍ଭବ ହୁଏ, କିନ୍ତୁ ତା'ର ସର୍ବାଙ୍ଗୀନ ବିକାଶ ଘଟେ ନାହିଁ ଓ ସମାଜର ସମତୁଲ ବିକାଶ ହେବା ପରିବର୍ତ୍ତେ ବୈଷମ୍ୟ ତୀବ୍ରତର ହୁଏ । ଏହା କଦାପି ସାର୍ବଜନୀନ ଶିକ୍ଷାର ବିକଳ୍ପ ହୋଇପାରିବ ନାହିଁ । ପ୍ରତ୍ୟେକଟି ଶିଶୁ, କିଶୋର ଓ ଯୁବକକୁ ଶିକ୍ଷା ଅଧିକାର ଆଇନର ପରିସରଭୁକ୍ତ କରିବାକୁ ହେଲେ ଶିକ୍ଷାର ବଜାରୀକରଣକୁ ନିରୁତ୍ସାହିତ କରିବା ସଙ୍ଗେ ସଙ୍ଗେ ସରକାରୀ ସାର୍ବଜନୀନ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ବାଞ୍ଛନୀୟ ।



# ଈଶ୍ୱରଙ୍କ ଠାରେ ବିଶ୍ୱାସ

## ମହାତ୍ମା ଗାନ୍ଧୀ

**ଯେ**ଉଁ ବ୍ୟକ୍ତି ସତ୍ୟର ଅନ୍ୱେଷଣ କରୁଥିବ, ଯିଏ ପ୍ରେମର ପରମବିଧାନକୁ ମାନୁଥିବ, ସେ କଦାପି ଆଗାମୀ କାଲିପାଇଁ କିଛି ଜମାଇ ରଖିବ ନାହିଁ । ଈଶ୍ୱର କଦାପି ଆଗାମୀ କାଲିପାଇଁ କିଛି ଦିଅନ୍ତି ନାହିଁ, ପ୍ରତ୍ୟହ ଯେତିକିର ପ୍ରୟୋଜନ ରହିଥାଏ, ସେ କେବଳ ସେତିକିରୁ କେବେହେଲେ ଅଧିକ ସୃଷ୍ଟି କରନ୍ତି ନାହିଁ । ତେଣୁ ଯଦି ଆମେ ତାଙ୍କରି ବିଧାନ ଉପରେ ବିଶ୍ୱାସ ସ୍ଥାପନ କରିଥିବା, ତେବେ ସିଏ ଯେ ଆମକୁ ପ୍ରତିଦିନ ଆବଶ୍ୟକ ଅନ୍ନ ପାଣି ଯୋଗାଇ ଦେବେ, ଆମର ପ୍ରୟୋଜନ ଅନୁସାରେ ଯଥେଷ୍ଟ ଅବଶ୍ୟ ଆଣିଦେବେ, ସେହି ବିଷୟରେ ଆମେ ନିଶ୍ଚୟ ସୁନିଶ୍ଚିତ ହୋଇ ରହିବା ।

ଭଗବତ୍ ଉପଲବ୍ଧି ହେଉଛି ମନୁଷ୍ୟର ସର୍ବୋଚ୍ଚ ଲକ୍ଷ୍ୟ, ତେଣୁ ସାମାଜିକ, ରାଜନୀତିକ, ଧର୍ମଗତ ପ୍ରଭୃତି ତାହାର ଯାବତୀୟ କାର୍ଯ୍ୟକଳାପ ଭଗବାନଙ୍କୁ ଦର୍ଶନ କରିବାର ସେହି ସର୍ବୋଚ୍ଚ ଲକ୍ଷ୍ୟ ଅନୁସାରେ ହିଁ ଅବଶ୍ୟ ପରିଚାଳିତ ହେବ । ସକଳ ମନୁଷ୍ୟଙ୍କର ସେବା ତା'ର ଏହି କ୍ଷେତ୍ରରେ ତା' ଉଦ୍ୟମରେ ତତ୍କ୍ଷଣାତ୍ ଏକ ଆବଶ୍ୟକ ଅଂଶରେ ପରିଣତ ହୋଇ ରହେ, କାରଣ ଭଗବାନଙ୍କର ସୃଷ୍ଟିରେ ହିଁ ଭଗବାନଙ୍କର ଦର୍ଶନ ପାଇବା ଓ ଏହା ସହିତ ଏକାତ୍ମ ହେବା ହିଁ ତାଙ୍କୁ ଆବିଷ୍କାର କରିବାର ଏକମାତ୍ର ପଥ । କେବଳ ସମସ୍ତଙ୍କର ସେବାଦ୍ୱାରା ହିଁ ତାହା ସମ୍ଭବ ହୋଇପାରେ । ମୁଁ ହେଉଛି ଏହି ସମଗ୍ରର ଏକ ଅଂଶ ଏବଂ ମନୁଷ୍ୟ ସମୂହର ଅବଶିଷ୍ଟ ଅନ୍ୟମାନଙ୍କୁ ବାଦ୍ ଦେଇ ମୁଁ କଦାପି ଭଗବାନଙ୍କୁ ପାଇ ପାରିବି ନାହିଁ ।

ମୋ'ର ଦେଶବାସୀ ହେଉଛନ୍ତି ମୋ'ର ନିକଟତମ ପ୍ରତିବେଶୀ । ସେମାନେ ଏତେ ଅଧିକ ପରିମାଣରେ ଅସହାୟ, ସମ୍ବଳଶୂନ୍ୟ ଓ ଜୀବନହୀନ ହୋଇ ପଡିଛନ୍ତି ଯେ, ସେହିମାନଙ୍କର ସେମାନେ ହିଁ ମୋତେ ନିଜକୁ ଅଭିନିବେଶିତ କରି ରଖିବାକୁ ହେବ । ହିମାଳୟର କୌଣସି ଗୁମ୍ଫା ଭିତରେ ମୁଁ ଭଗବାନଙ୍କୁ ପାଇ ପାରିବି ବୋଲି ଯଦି ମୋ'ର ହୃଦବୋଧ ହୋଇ ଯାଆନ୍ତା, ତେବେ ମୁଁ କୌଣସିକାଳବିଳମ୍ବ ନ କରି ସେଠାକୁ ଚାଲିଯାଆନ୍ତି । ମାତ୍ର, ମନୁଷ୍ୟଜାତିକୁ ବାଦ୍ ଦେଇ ଯେ, ମୁଁ ଭଗବାନଙ୍କୁ କଦାପି ପାଇ ପାରିବି ନାହିଁ, ସେକଥା ମୋତେ ଜଣାଅଛି ।

ମୋ' ଭଗବାନ ବହୁ ଆକାର ଧାରଣ କରି ପାରନ୍ତି । ମୁଁ ବେଳେ ବେଳେ ତାଙ୍କୁ ଚରଖା ମଧରେ ଆବିଷ୍କାର କରୁଥିଲେ ମଧ, ଆଉ କେତେକ ସମୟରେ ମୁଁ ତାଙ୍କୁ ସାମ୍ପ୍ରଦାୟିକ ଏକତା ମଧରେ ଦେଖିଥାଏ, ପୁଣି ବେଳେ ବେଳେ ତାଙ୍କୁ ଅସ୍ପୃଶ୍ୟତାର ଦୂରୀକରଣରେ ଦେଖେ ଏବଂ ଏହିପରି ଭାବରେ, ମୋ'ର ଆତ୍ମା ମୋତେ ଯେପରି ପରିଚାଳିତ କରି ନେଉଥାଏ, ମୁଁ ସେହିପରି ଭାବରେ ତାଙ୍କ ସହିତ ସଂଯୋଗ ସ୍ଥାପନ କରିଥାଏ ।

# ଚାଚେରୀ ଭୋଗଖିଆ କଳା ଠାକୁର !

## ଡ.ନାମଯଜ୍ଞ ମିଶ୍ର

ଆହା ! ଚାଚେରୀ ଭୋଗ ଖିଆ
କଳା ଠାକୁର !
ଦୋଳେ ଦୋଳିବାକୁ ତୋର
କେତେ ହୁନ୍ଦର୍ !
ଗୋପପୁରେ ଘରଘର
ଲୁଚିଛପି ଦୁଧସର
ଖାଇଖାଇ, ଚିଟା ହୋଇ
କଲୁ ଖୋଲାକାରବାର !
ନପୁରିଲା ମନ ବୋଲି
ସଜାଇ ସୁରଂଗ ଦୋଳି
ପଥେ ଅବିର କୁ ବିଞ୍ଚି
ନଚାଇଲୁ ଏ ସଂସାର ।
ତୋ ଫଗୁଣ ଫଗୁ ଖେଳ
ଲୋକଙ୍କୁ କଲା ଉତ୍ତାଳ
ଦୋଳାଇ ଦୋଳାଇ ତୋତେ
ବୋହି ନେଲେ ଘର ଘର ।
ମୁଆଁ, ଚଣକ ଖିରିଷା
ଆମ୍ଭକଷି ପିଠା, ଖସା
ଉଖୁଡା ଭୋଗେ ତୋ ପୂଜା
ଖିଞ୍ଚି ହେଲା ତୋ ଆହାର ।
ତୋ ପ୍ରସାଦ ପାଇ ଜନେ
ଉନମତ ସଂକୀର୍ତ୍ତନ୍ୟେ
ଝୁଲାଇ ଝୁଲାଇ ତୋତେ
ଶ୍ରମେ ହେଲେ ହରବର୍ ।
ସବୁଦେବି, ଦେବି କହି
କାହାରେ କିଛି ନ ଦେଇ
ଭୋଟ୍ ଜିତା ନେତା ପରି
ବିଜେକଲୁ ଶ୍ରୀ ମନ୍ଦିର ।
ନାନା ପ୍ରତିଶ୍ରୁତି ଦେଇ
ଆଉ ଦେଖା ଦେଲୁ ନାହିଁ ।
ବଳିଆର ଭୁଜ ବର୍ଜି
ଛଳିଲୁ ମାଦଳ ହୋଇ
ଖାଇ ଭେଷ ଓ ପୌଟି
ମୋ ପାଇଁ ଦେଲୁ ନି କିଛି
ମୋ ପରି ଦୁଃଖୀଙ୍କ ଡାକ
ନ ଶୁଣିକଲୁ ହୁତକାର ।
ପରମାନନ୍ଦ ବୋଲାଇ
ନିରାନନ୍ଦ କଲୁ ତୁହି
ଦୁଃଖ ସାଗରେ ବୁଡାଇ
କଲୁ ମୋତେ ହରବର !
ସକଳ ଦାୟିତ୍ୱ ଭୁଲି
ରାଇ ସଂଗେ କରୁ କଳି
ନଶୁଣୁ ଦୁଃଖୀ କାହାରି
ମନ୍ଦେ ତେଜ ଏ ହୁନ୍ଦର ।
ଡାକେ ତୋ କିଣାଚାକର ।

**ବରପାଲିପଡ଼ା, ବଲାଙ୍ଗିର**

# ମହୌଷଧି ବାଇଗଣ



**ବା**ଇଗଣରେ ପ୍ରସ୍ତୁତ ଭର୍ତ୍ତା, ତରକାରୀ ଏବଂ ଭଜା ଖୁବ୍ ସୁଆଦିଆ । ରୋଷେଇଘରେ ଏହାର ସ୍ଥାନ ସବୁବେଳେ ଥାଏ । କିନ୍ତୁ ଜାଣନ୍ତି ପାଟିକୁ ସୁଆଦିଆ ଏହି ପରିବା ପ୍ରକୃତରେ ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ ।

ବାଇଗଣରେ ଥିବା ଆଣ୍ଟିଅକ୍ସିଡାଣ୍ଟ ପାଚନକ୍ରିୟା ସୁସ୍ଥ ରଖିବା ସାଙ୍ଗକୁ କ୍ୟାନସର, ମଧୁମେହ ଏବଂ ରକ୍ତଚାପ ଭଲ କରିବା ଦିଗରେ ବେଶ୍ ଲାଭଦାୟକ ।


ପାଚନକ୍ରିୟା : ବାଇଗଣରେ ଫାଇବର ମାତ୍ରା ପ୍ରଚୁର ଥାଏ । ଏହା ପାକସ୍ଥଳିକୁ ପରିଷ୍କାର କରିବା ସହ ଭୋଜନଠୁ ଠିକ୍ ଭାବେ ହଜମ କରାଇବାରେ ସାହାଯ୍ୟ କରେ ।

କ୍ୟାନସର : ବାଇଗଣରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧିକରେ ଏବଂ କ୍ୟାନସର ଭଳି ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ । ଏହାସହ ଶ୍ୱେତରକ୍ତ କଣିକା ଉତ୍ପାଦନରେ ସହାୟକ ହୋଇଥାଏ । ବାଇଗଣରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀର ଭିତରେ ହେଉଥିବା ସଂକ୍ରମଣରୁ ରକ୍ଷାକରେ ।

ମଧୁମେହ : ମଧୁମେହ ରୋଗୀଙ୍କ ପାଇଁ ବାଇଗଣ ପ୍ରକୃତରେ ବରଦାନ ସଦୃଶ । ଏଥିରେ ଥିବା ଫାଇବର ଏବଂ କାର୍ବୋହାଇଡ୍ରେଟ୍ ଶରୀରରେ ଶର୍କରାକୁ ସନ୍ତୁଳିତ କରି ରଖିଥାଏ । ଏହା ଶରୀରରେ ଇନସୁଲିନ୍ ମାତ୍ରାକୁ ବି ନିୟନ୍ତ୍ରଣ କରିଥାଏ ।

ରକ୍ତଚାପ : ବାଇଗଣରେ ଥିବା ବାୟୋଫ୍ଲେବୋନାଇଡ୍ସ ଯୋଗୁଁ ରକ୍ତଚାପ ନିୟନ୍ତ୍ରଣରେ ରହେ । ଏହା ଶରୀରରେ ରକ୍ତରୁ କୋଲେଷ୍ଟ୍ରୋରଲ୍ ମାତ୍ରା ହ୍ରାସ କରିଥାଏ ।

# ସ୍ୱର୍ବେଦ




**ମହିମା ସନ୍ତନ କୋ କହେ, ଶ୍ରୁତି ଶାରଦ ଗୁଣଗାନ ।**
**ତନ ମେଁ ରହି ନହିଁ ରହତ ହୈ, ଜୀୱନମୁକ୍ତ ନିର୍ୱାନ ।।୪୯।।**

ଭାଷ୍ୟ - ସନ୍ଥମାନଙ୍କର ମହିମା ବର୍ଣ୍ଣନା କିଏ କରି ପାରିବ ? ଯାହାର ମହିମା ବେଦ ଏବଂ ସରସ୍ୱତୀ ବଖାଣ କରୁଛନ୍ତି । ସନ୍ଥ ଶରୀରରେ ରହି ସୁଦ୍ଧା ରହନ୍ତି ନାହିଁ, କାହିଁକି ନା ତାଙ୍କ ନିକଟରେ ଦେହାଭିମାନ ରହେ ନାହିଁ । ସେସାନେ ସର୍ବଦା ଶରୀର-ସଂଘାତରୁ ଭିନ୍ନ ପ୍ରକୃତିପାର ପ୍ରଦେଶରେ ବିରତ ରହିଥାନ୍ତି ଓ ବିଶେଷ ସତ୍ତାର ଅନୁଭବରେ ଆନନ୍ଦମୟ ହୋଇ ସର୍ବଦା ନିମଗ୍ନ ରହିଥାନ୍ତି ।

**ହରି ହରି ଜନ କେ ସୁୟଶ କୋ, କରୋ ସଦା ଗୁଣଗାନ ।**
**ଦେୱ ସଦାଫଲ ଶାନ୍ତି ହୈ, ହୋୟ ପରମ କଲ୍ୟାଣ ।।୫୦।।**

ଭାଷ୍ୟ - ପରମପ୍ରଭୁ ଏବଂ ତାଙ୍କର ଭକ୍ତି, ସନ୍ଥଜନଙ୍କର ମହିମା ସବୁ ସମୟରେ ବର୍ଣ୍ଣନା କର ଯାହା ଫଳରେ ଜୀବନ ଶାନ୍ତିପୂର୍ଣ୍ଣ ହେବ ଏବଂ ପରମ ପୁରୁଷଙ୍କର ପ୍ରାପ୍ତି ହୋଇ ପାରିବ ।

**।।ଇତି ସ୍ୱର୍ବେଦ ଚତୁର୍ଥ ମଣ୍ଡଳ, ନବମ ଅଧ୍ୟାୟ ଭାଷ୍ୟ ସମାପ୍ତ ।।**

**ଦଶମ ଅଧ୍ୟାୟ- (ଗୃହସ୍ଥ ସନ୍ଥ)**

**ଦୂଜା ସନ୍ତ ଗୃହସ୍ଥ ହୈଁ, କରେଁ ଗୃହୀ ମହଁ ୱାସ ।**
**ଅନ୍ତର ହରି ଅନୁରକ୍ତ ହୈଁ, ଅନ୍ତର ପ୍ରେମ ହୁଲାସ ।।୦୧।।**

ଭାଷ୍ୟ - ଅନ୍ୟ ସନ୍ଥ ଗୃହସ୍ଥାଶ୍ରମୀ ହୋଇଥାନ୍ତି ଯିଏ ନିଜର ଘର ପରିବାର ସାଥୀରେ ରହି ପ୍ରଭୁଙ୍କର ଭଜନ କରିଥାନ୍ତି । ସେମାନେ ଅନ୍ତରରେ ପ୍ରେମ ଏବଂ ଆନନ୍ଦରୁ ପରମପ୍ରଭୁଙ୍କର ଭକ୍ତିରେ ଲାଗି ରହିଥାନ୍ତି ।

**ଅନ୍ତର ତ୍ୟାଗ ୱିରକ୍ତ ହୈଁ, ବାହର ସକଲ ପସାର ।**
**ପଦ୍ମ ପତ୍ର ଜଲ ସଙ୍ଗ ରହେଁ, ୱେ ନିର୍ଲେପ ସଂସାର ।।୦୨।।**

ଭାଷ୍ୟ - ଗୃହସ୍ଥ ସନ୍ଥ ଅନ୍ତରରୁ ତ୍ୟାଗ କରି ବିରକ୍ତ ହୋଇଥାନ୍ତି ଏବଂ ବାହାରୁ ସମସ୍ତ ବ୍ୟବହାରର ସମ୍ବନ୍ଧ ରଖି ତାହାର ବିସ୍ତାର କରିଥାନ୍ତି । ସେମାନେ ଜଳରେ କମଳର ପତ୍ର ସମାନ ସାଂଗରେ ରହି ସୁଦ୍ଧା ସଂସାରରେ ନିର୍ଲେପ ରହିଥାନ୍ତି ।

**ତ୍ୟାଗ ସକଲ ଜଗ ୟୌଁ କରେଁ, ସବ ପ୍ରଭୁ କା ମମ ନାହିଁ ।**
**ମୈଁ ଭି ପ୍ରଭୁ କା ଜନନ ମେଁ, ସୋ ପ୍ରଭୁ ୱସ ମମ ମାହିଁ ।।୦୩।।**

ଭାଷ୍ୟ – ମୋର ସର୍ବସ୍ୱ ପ୍ରଭୁଙ୍କର ଏବଂ ସେହି ପ୍ରଭୁ ମୋ ହୃଦୟରେ ବାସ କରିଛନ୍ତି । ମୁଁ ସେହି ପ୍ରଭୁଙ୍କର ଜନ । ଏଭଳି ଭାବରେ ସନ୍ଥଜନ ସଂସାରର ସବୁକିଛିକୁ ତ୍ୟାଗ କରିଥାନ୍ତି ।

**ବାହର ଭୀତର ତ୍ୟାଗ ହୈ, ସୋ ୱିରକ୍ତ ମମ ସନ୍ତ ।**
**ଗୃହସ୍ଥ ତ୍ୟାଗ ଅନ୍ତର କରେଁ, ବାହର ସଂଗ୍ରହ ପନ୍ତ ।।୦୪।।**

ଭାଷ୍ୟ - ଯାହାର ବାହାରେ ଏବଂ ଭିତରେ ତ୍ୟାଗ ରହିଛି, ସେ ମୋର ବିରକ୍ତ ସନ୍ଥ ଅଟନ୍ତି । ଗୃହସ୍ଥାଶ୍ରମୀ ସନ୍ଥ ଅନ୍ତରରେ ତ୍ୟାଗ କରନ୍ତି ଏବଂ ବାହାରେ ସଂଗ୍ରହ ରଖି ତାହାର ସ୍ୱାମୀ ହୋଇଥାନ୍ତି ।

**ବିନୁ ୱିରକ୍ତ ସାଧନ ନହୀଁ, ଜ୍ଞାନ ବିନା ୱୈରାଗ୍ୟ । ।**
**ଅନ୍ତର ସେ ସବ ତ୍ୟାଗ ହୈ, ୱିମଲ ସନ୍ତ ଅନୁରାଗ ।।୦୫।।**

ଭାଷ୍ୟ - ବିଷୟ ତ୍ୟାଗ ବିନା ଯୋଗର ସାଧନା ହୋଇ ନ ଥାଏ, ନା ଜ୍ଞାନ ବିନା ବୈରାଗ୍ୟ ହୋଇଥାଏ । ଅନ୍ତରରେ ଯାହାର ତ୍ୟାଗ ହିଁ ତ୍ୟାଗ ରହିଛି ସେହି ସନ୍ଥର ପ୍ରେମ ପବିତ୍ର ହୋଇଥାଏ ।

**କୁକୁହୀ ଜଲ ଦରିୟାୱ ମେଁ, ଜଲ କୀରିଡ଼ା ଜଲ ସାଥ ।**
**ଜଲ ନିର୍ଲେପ ଉଡ଼ ଗଗନ କୋ, ସନ୍ତ ଗୃହୀ ତୌଁ ସାଥ ।।୦୬।।**

ଭାଷ୍ୟ - ପାଣି କୋଇଲି ପକ୍ଷୀ ଦରିଆରେ ଜଳ ସହିତ ରହି କ୍ରୀଡ଼ାକରେ ଓ ଜଳରୁ ନିର୍ଲେପ ହୋଇ ଉଡ଼ି ଉଡ଼ି ଆକାଶକୁ ଚାଲିଯାଏ । ସେହି ପ୍ରକାର ଗୃହୀସନ୍ଥ ସଂସାର ମାୟାରେ ରହି ସୁଦ୍ଧା ନିଜର ଚେତନ ସୁରତିରେ ଶୁଦ୍ଧ ଚିଦାକାଶରେ ଉଡ଼ି ଯାଆନ୍ତି ଏବଂ ପରମାନନ୍ଦର ଉପଭୋଗ କରିଥାନ୍ତି । ସେମାନେ ମାୟା ସହିତ ରହୁଥିଲେ ସୁଦ୍ଧା ପାଣି କୋଇଲି ପକ୍ଷୀ ସଦୃଶ ଅସଙ୍ଗ ହୋଇ ନିଜସ୍ୱ ଆନନ୍ଦରେ ମଗ୍ନ ରହିଥାନ୍ତି ।

**ୱାଜୀଗର ଅହି ସଂଗ ରଚେ, ବ୍ୟାପକ ୱିଷ ନ ସୋୟ ।**
**ୟୁକ୍ତି ଭେଦ ୱିଜ୍ଞାନ କ, ତୌଁ ଗୃହସ୍ଥ ଜନ ହୋୟ ।।୦୭।।**

ଭାଷ୍ୟ - ସାପୁଆ କେଳା ସାପମାନଙ୍କ ସହିତ ରହେ, ମାତ୍ର ତାକୁ ସର୍ପ ବିଷ ଲାଗେ ନାହିଁ । ସାପର ବିଷ ଝାଡ଼ିବା ପାଇଁ ଆବଶ୍ୟକ ଜଡ଼ିବୁଟୀର ଜ୍ଞାନ ସାପୁଆ କେଳାକୁ ଜଣାଅଛି । ଏହି ପ୍ରକାର ବ୍ରହ୍ମବିଦ୍ୟାର ବିଜ୍ଞାନ-ଭେଦର ଯୁକ୍ତିକୁ ଜାଣିଥିବା ଗୃହସ୍ଥ ସନ୍ଥକୁ ମାୟା ଗ୍ରାସ କରିପାରେ ନାହିଁ । ମାୟାର ବିଷକୁ ଶାନ୍ତି କରିବା ପାଇଁ ଉଦ୍ଦିଷ୍ଟ ଯୋଗର ଯୁକ୍ତିକୁ ସନ୍ଥଜନ ଜାଣିଥାନ୍ତି ।

**ମୀନ ଏକ ଦଦଲ ରହେ, ୱାକୋ ଦଲଦଲ ନାହିଁ ।**
**ଔର ଜାୟ ଫଁସ ମରତ ହୈ, ତୌଁ ରହସ୍ୟ ଜନ ମାହିଁ ।।୦୮।।**

ଭାଷ୍ୟ - ଏମିତି ଏକ ମାଛ ଅଛି ଯାହା ପଙ୍କ ଭିତରେ ରହିଥାଏ, ମାତ୍ର ସେ ସେହି ପଙ୍କରେ ଫଶେ ନାହିଁ ଅଥଚ ଅନ୍ୟ ଯେକେହି ସେହି ପଙ୍କକୁ ଗଲେ ସେଠାରେ ଫଶିଯାଇ ମରିବାକୁ ଲାଗେ । ସେହି ପ୍ରକାର ଗୃହସ୍ଥ ସନ୍ଥ ମାୟାରେ ରହି ସୁଦ୍ଧା ତାହାର ମୋହ ପ୍ରପଞ୍ଚରେ ଫଶନ୍ତି ନାହିଁ । ସେମାନେ ନିଜ ରହସ୍ୟ ଯୁକ୍ତିରେ ନିର୍ଲେପ ଏବଂ ଅସଙ୍ଗ ହୋଇ ପ୍ରଭୁଙ୍କର ଭଜନ କରନ୍ତି ।

**ଅରଟୁ ପତ୍ର ସମ ସନ୍ତ ଜନ, ରହତ ସଦା ଜଗ ମାହିଁ ।**
**ମନ ମନ ମେଁ ଜନ ହରି ରହେଁ, ଅଧ୍ଭୁତ ଭେଦ ସମାହିଁ ।।୦୯।।**

ଭାଷ୍ୟ - ସନ୍ଥଜନ ସାରୁ ପତ୍ର ପରି ସର୍ବଦା ସଂସାର ଭିତରେ ରହି ସୁଦ୍ଧା ଅସଙ୍ଗ ରହିଥାନ୍ତି । ସାରୁପତ୍ର ଉପରେ ଜଳ ରହିପାରେ ନାହିଁ, ଠିକ୍ ସେହିପରି ବୀତରାଗୀ ଗୃହସ୍ଥାଶ୍ରମୀ ସନ୍ଥମାନଙ୍କୁ ମାୟା ପ୍ରପଞ୍ଚର ପ୍ରଭାବ ପଡ଼େ ନାହିଁ । ସେମାନେ ମାୟା ପ୍ରପଞ୍ଚରୁ ଅସଙ୍ଗ ରହି ନିଜର ଆନନ୍ଦରେ ନିମଗ୍ନ ରହିଥାନ୍ତି । ତାହାର ମନର ମନ ଅର୍ଥାତ୍ ଆତ୍ମାରେ ପ୍ରଭୁ ରହିଥାନ୍ତି । ସେମାନେ ଅଦ୍ଭୁତ ଯୋଗ ଭେଦ ଦ୍ୱାରା ସେହି ପ୍ରଭୁଙ୍କଠାରେ ସର୍ବଦା ଅନ୍ତର୍ମୁଖୀ ରହିଥାନ୍ତି ।

**ମାୟା ରହି ନାହିଁ ରହତ ହୈ, ୟହ ମହିମା ଗୁରୁ ଜ୍ଞାନ ।**
**ସୁଖ ୱ ଶାନ୍ତି ସେ ଘର ରହେଁ, ଜନ ହୈ ପରମ ସୟାନ ।।୧୦।।**

ଭାଷ୍ୟ - ସେହି ଅନ୍ତର ତ୍ୟାଗୀ ଗୃହସ୍ଥ ସନ୍ଥ, ସଦ୍‌ଗୁରୁ ଜ୍ଞାନର ପ୍ରଭାବରୁ ମାୟାରେ ରହି ସୁଦ୍ଧା ମାୟା ଦ୍ୱାରା କବଳିତ ହୁଅନ୍ତି ନାହିଁ । ସେମାନେ ବୈରାଗ୍ୟଯୁକ୍ତ ଜୀବନ ବିତାଇ, ସୁଖ ଶାନ୍ତିରେ ଘରେ ରହି ବ୍ରହ୍ମବିଦ୍ୟା ଯୋଗର ସାଧନା କରନ୍ତି ।

**ବ୍ରହ୍ମବିଦ୍ୟା ପରକାଶ ମେଁ, ମୋହ ଭୂତ ଭ୍ରମ ଜାୟ ।**
**ୱହୱଲ ପ୍ରେମ ପ୍ରୱାହ ମେଁ, ଶବ୍ଦ ମେଁ ସୁରତି ସମାୟ ।।୧୧।।**

ଭାଷ୍ୟ - ବ୍ରହ୍ମବିଦ୍ୟାର ପ୍ରକାଶରେ ବିଷୟାସକ୍ତିରୁ ଉତ୍ପନ୍ନ ଅଜ୍ଞାନ ନଷ୍ଟ ହୋଇ ଯାଏ ଓ ଆତ୍ମା ଜଗତର ଦୁଃଖରୁ ବ୍ୟାକୁଳ ହୋଇ ପ୍ରଭୁର ପ୍ରେମ ପ୍ରବାହ ଦ୍ୱାରା ଶବ୍ଦ ପରମ ପୁରୁଷରେ ନିଜର ସୁରତିକୁ ପ୍ରବେଶ କରାଇଥାଏ ।

**ଜୋ ମାୟା ସବ ଜଗ ଠଗେ, ତାହି ଠଗେଁ ୱହ ସନ୍ତ ।**
**ଠଗିନୀ ଜୋ ଠଗ ଠଗତ ହୈ, ସୋ ଗୃହସ୍ଥ ମମ ସନ୍ତ ।।୧୨।।**

ଭାଷ୍ୟ - ଯେଉଁ ମାୟା ସମସ୍ତ ସଂସାରକୁ ଠକେ, ତାହାକୁ ସନ୍ଥଜନ ଠକିଥାନ୍ତି । ଏହି ଠକ ମାୟାକୁ ଯିଏ ଠକ ହୋଇ ଠକିଥାଏ, ସେ ମୋର ଗୃହସ୍ଥ ଅଟନ୍ତି ।

## ହେଙ୍ଗୁର ଔଷଧୀୟ ଗୁଣ

**ହେ**ଙ୍ଗୁକୁ ବିଭିନ୍ନ ପ୍ରକାର ମସଲା ଜାତୀୟ ଖାଦ୍ୟରେ ବ୍ୟବହାର କରାଯାଇଥାଏ । ଏହା ଶରୀର ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ । ଏଥିରେ ବହୁମାତ୍ରାରେ ଔଷଧୀୟ ଗୁଣ ଭରି ରହିଛି । ଏହା ସ୍ୱାସ୍ଥ୍ୟ ପାଇଁ ଯେଭଳି ହିତକାରୀ ହୋଇଥାଏ, ସେଭଳି ଔଷଧୀୟ ଗୁଣରେ ମଧ ଭରପୁର । ପ୍ରତି ୧୦୦ ଗ୍ରାମ ହେଙ୍ଗୁରେ ୬୦ ଗ୍ରାମ୍ ଶ୍ୱେତସାର, ୪ ଗ୍ରାମ ପୁଷ୍ଟିସାର, ୧ ଗ୍ରାମ୍ ସ୍ନେହସାର, ୭୦୦ ମିଲିଗ୍ରାମ୍ କ୍ୟାଲସିୟମ୍, ୩୫ ମିଲିଗ୍ରାମ୍ ଲୌହ ରହିଥାଏ ।



ହେଙ୍ଗୁକୁ ଭାଜି ଖାଇବା ଦ୍ୱାରା ପେଟ ବ୍ୟଥା ଭଲ ହୋଇଥାଏ ।

ହେଙ୍ଗୁକୁ ପାଣିରେ ପକାଇ ପିଇଲେ ହଜମ ଶକ୍ତି ବୃଦ୍ଧି ହୋଇଥାଏ ।

ହେଙ୍ଗୁ ଗୁଣ୍ଡକୁ ଦାନ୍ତ ମୂଳରେ ଲଗାଇଲେ ଦାନ୍ତବିନ୍ଧାରୁ ଉପଶମ ମିଳିଥାଏ । ହେଙ୍ଗୁକୁ ଘୋରି ବ୍ରଣ ଉପରେ ଲଗାଇଲେ ବ୍ରଣ ଭଲ ହୋଇଥାଏ । ଅଳ୍ପ ଅଦା ଏବଂ ହେଙ୍ଗୁ ଗୁଣ୍ଡକୁ ପାଟିରେ ରଖିବା ଦ୍ୱାରା ପାଟି ଦୁର୍ଗନ୍ଧ ଦୂର ହୋଇଥାଏ ।

ତରକାରୀ କିମ୍ବା ଡାଲି କଲାବେଳେ ଏହାକୁ ବ୍ୟବହାର କଲେ ଗ୍ୟାସ ନ ହେବା ସହ ଭୋକ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ହେଙ୍ଗୁ ସାହାଯ୍ୟ କରିଥାଏ ।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ କଖାରୁଫୁଲ

**କ**ଖାରୁଫୁଲ ଆମ ଶରୀର ପାଇଁ ବେଶ୍ ଉପକାରୀ । ଏଥିରେ ଅନେକ ପ୍ରକାର ଭିଟାମିନ ଭରିରହିଛି । ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଜଣାପଡ଼ିଛି । 'ରୋଗ ପ୍ରତିରୋଧକ ଶକ୍ତି ଓ କଖାରୁଫୁଲ' ଶୀର୍ଷକ ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରାୟ ନିୟମିତ କଖାରୁଫୁଲ ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ବୃଦ୍ଧି ପାଉଥିଲା ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଏହାକୁ ନିୟମିତ ଖାଇବା ଦ୍ୱାରା, ଶରୀରରେ ଭିଟାମିନ୍ 'ସି'ର ଅଭାବ କେତେକାଂଶରେ ପୂରଣ ହୋଇଯାଏ । ଏହା ଶରୀରରେ ଲୌହ ଓ ଖଣିଜ ଲବଣ ପରିମାଣକୁ ସନ୍ତୁଳିତ ରଖେ । ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ ତିଆରି କରିଥାଏ ।

## ମଧୁମେହ ପ୍ରତିରୋଧୀ ଘରୋଇ ପଥ

**ମ**ଧୁମେହ ଖାଦ୍ୟ ଏବଂ ଜୀବନ ଶୈଳୀ ସହ ସଂପର୍କିତ । ଆଜିକାଲି ଜିନ୍ ଦୋଷରୁ ଏପରିକି ଶିଶୁ ମଧ ମଧୁମେହ ଭୋଗୁଛନ୍ତି । ଭାରତରେ ଟାଇପ୍ ୨ ମଧୁମେହ ଭୋଗୁଥିବା ରୋଗୀଙ୍କ ସଂଖ୍ୟା ବିଶ୍ୱରେ ସବୁଠାରୁ ଅଧିକ । ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଦ୍ୱାରା ମଧୁମେହକୁ କିଛି ପରିମାଣରେ ରୋକା ଯାଇପାରେ । ପ୍ରତି ଦିନ ସକାଳେ ଖାଲି ପେଟରେ ତାଜା କଲରା ରସ ପିଇଲେ ମଧୁମେହ ନିୟନ୍ତ୍ରଣରେ ରହେ । ଜଳଖିଆରେ କଲରା ଚିପ୍ସ ବା କଲରା ପ୍ରସ୍ତୁତ ଯେ କୌଣସି ଖାଦ୍ୟ ଖାଇ ପାରନ୍ତି । ରାତିରେ ୧.୪ ଚାମଚ ମେଥି ପାଣିରେ ବତୁରାନ୍ତୁ । ସକାଳୁ ଖାଲି ପେଟରେ ପାଣି ସହ ମେଥି ଚୋବାଇ ଚୋବାଇ ଖାଆନ୍ତୁ । ପ୍ରତି ଦିନ ପିଜୁଳି ଚୋପା ବାଣ୍ଟି ଖାଆନ୍ତୁ । ଚୋପା ନ ବାଣ୍ଟି ଖାଇଲେ ରକ୍ତ ଶର୍କରା ବଢ଼େ । ନିୟମିତ ତ୍ରିଫଳା ଚୂର୍ଣ୍ଣ ଖାଆନ୍ତୁ । ମଧୁମେହ ରୋଗୀଙ୍କ ଲାଗି ଜାମୁକୋଳି ଭଲ । ବର୍ଷର ସବୁ ସମୟରେ ଜାମୁକୋଳି ମିଳେନାହିଁ । ତେଣୁ, ମିଳୁଥିବା ବେଳେ ଅଧିକ ପରିମାଣରେ ସଂଗ୍ରହ କରି, ମଞ୍ଜିକୁ ଶୁଖାଇ, ଗୁଣ୍ଡକରି ରଖନ୍ତୁ, ପାଣିରେ ଗୋଳାଇ ଦିନରେ ଦୁଇ ଥର ପିଅନ୍ତୁ । ଚାହା ବା କଫିରେ ଚିନି ବଦଳରେ ମହୁ ପକାନ୍ତୁ । ବିନା ଚିନିରେ କଳା କଫି ପିଅନ୍ତୁ ।



## ଅଧିକ ଖାଇଲେ ସ୍ମୃତି ଶକ୍ତି କମେ!

**ଆ**ବଶ୍ୟକତାଠାରୁ ଅଧିକ ଭୋଜନ ମଧୁମେହ, ଉଚ୍ଚ ରକ୍ତ ଚାପ ଏବଂ ହୃଦଘାତ ଆଦି କରାଉଥିବା ପୂର୍ବରୁ ଜଣାଥିଲା । ଅଧିକ ଖାଇଲେ ସ୍ମୃତି ଶକ୍ତି କମୁଥିବା ଏବେ ଜଣାପଡିଛି । ଅଧିକ ଖାଦ୍ୟ ଶରୀରରେ କ୍ୟାଲୋରି ବଢ଼ାଏ ଏବଂ ଯାହା ଦ୍ୱାରା ମସ୍ତିଷ୍କ ଉପରେ ଚାପ ପଡେ । ଫଳରେ ସ୍ମୃତି ଶକ୍ତି ହ୍ରାସ ଜନିତ ରୋଗ ଯଥା ଡିମନେସିଆ, ଅଲଝାଇମର୍ସ ଆଦିର ଆଶଙ୍କା ବଢ଼େ । ଅଧିକ ଖାଉଥିବା ବୟସ୍କଙ୍କ କ୍ଷେତ୍ରରେ ସ୍ମୃତି ଶକ୍ତି ହ୍ରାସ ଅଧିକ ଦେଖାଯାଉଛି ।



### ଟିକିଏ ହସନ୍ତୁ

ଶିକ୍ଷକ : ରାହୁଲ କହିଲୁ, ସମ୍ରାଟ ଅଶୋକ କେବେ ପର୍ଯ୍ୟନ୍ତ ଶାସନ କରିଥିଲେ ?
ରାହୁଲ : ସାର୍ ପେଜ୍ ନଂ.- ୧୪ରୁ ପେଜ୍ ନଂ. ୨୨ ପର୍ଯ୍ୟନ୍ତ ଶାସନ କରିଥିଲେ ।

× × × ×

ସେଲ୍ସମ୍ୟାନ୍ : ସାର୍, କକ୍‌ରୋଚ୍ ପାଇଁ ପାଉଡର ନେବେ କି ?
ମିକୁ : ନା, ମୁଁ କକ୍‌କୁ ଏତେ ବି ଭଲପାଏନି ଯେ, ତା' ପାଇଁ ପାଉଡର ନେବି ଏବଂ ପରେ କହିବ ମୋର ପରଫ୍ୟୁମ୍ ଦରକାର !

× × × ×

ସ୍ୱାମୀ–ସ୍ତ୍ରୀ ରେଲ୍‌ୱେ ଷ୍ଟେଶନରେ ଠିଆ ହୋଇ ଟ୍ରେନ୍‌କୁ ଅପେକ୍ଷା କରିଥିଲେ । ସେଇ ସମୟରେ ଗୋଟେ ଟ୍ରେନ୍ ଆସିଲା, ଯେଉଁଥିରେ ଲେଖା ହୋଇଥିଲା ବମ୍ବେ ମେଲ୍ । ସ୍ୱାମୀ ଦୌଡ଼ି ଯାଇ ଟ୍ରେନ୍‌ରେ ବସିପଡ଼ି କହିଲେ, ତୁମେ ଅପେକ୍ଷା କରିଥାଅ ଯେତେବେଳେ ବମ୍ବେ ଫିମେଲ୍ ଆସିବ, ସେତେବେଳେ ତୁମେ ଗାଡିରେ ଚଢ଼ିଯିବ ।

× × × ×



ପ୍ରଥମ ସାଙ୍ଗ : ଆରେ ଭାଇ, ତୋ ଫୋନ୍ ରିଂ ହେଉଛି । ଦ୍ୱିତୀୟ ସାଙ୍ଗ : ଏବେ ମାଲିକ ଆସିବା ଟାଇମ୍ ହେଲାଣି ଆଉ ଫୋନ୍‌ରେ କଥା ହୋଇ ହେବନି । ତୁ ଗୋଟେ କାମ କର ଫୋନ୍‌କୁ କାଟିଦେ । ପ୍ରଥମ ସାଙ୍ଗ : ହଉ ସାଙ୍ଗ ମୁଁ କାଟି ଦେଉଛି (ସେ କାଠଗଣ୍ଡି ଉପରେ ମୋବାଇଲ୍‌କୁ ଥୋଇ ତାକୁ କୁରାଢ଼ିରେ ଦୁଇଖଣ୍ଡ କରିଦେଲା ।

× × × ×

ରାମବାବୁ ସୋମେଶକୁ ପଚାରିଲେ, ଆରେ ପୁଅ ପାଠପଢ଼ା କେମିତି ଚାଲିଛି ?
ସୋମେଶ : ଅଙ୍କଲ,ପାଠପଢ଼ା ଚାଲି ଚାଲି ବହୁତ ଆଗକୁ ପଳାଇଲାଣି ମୋ'ଠାରୁ !

× × × ×

ରାଜୁ ବିଜୁକୁ କହିଲା– ମୁଁ ଭାବୁଛି ଆମେରିକା ବୁଲିଯା'ନ୍ତି ?
ବିଜୁ : ହଁ, ବହୁତ ଭଲ । ଭାବିବାରେ କେତେ ଟଙ୍କା ଖର୍ଚ୍ଚ ହୋଇଯିବ ।
ରାଜୁ : ଜମା ବି ଟଙ୍କାଟିଏ ଖର୍ଚ୍ଚ ହେବନି, ହେଲେ ଭାବିବାରେ କ'ଣ ଟଙ୍କା ପଡ଼େ ?

## ବଚର ଉପକାରିତା

ଉଗ୍ରା, ଉଗ୍ରଗନ୍ଧା, ଷଡ଼ଗ୍ରନ୍ଥା, ଶତପର୍ବିକା, କ୍ଷୁଦ୍ରପତ୍ରୀ, ମାଙ୍ଗଲ୍ୟା, ଗୋଲୋମି, ଜାତିଲା, ଲୋମଶା ପରି ସଂସ୍କୃତରେ ବଚର ଆହୁରି ଅନେକ ନାଁ ରହିଛି । ବଚର ବୁଦା ବେଶୀ ବଡ଼ ହୁଏ ନାହିଁ । ଏହା ମଣିପୁର, ଆସାମରେ ଅଧିକ ମାତ୍ରାରେ ଦେଖିବାକୁ ମିଳେ । ଓଦା ତଥା ସନ୍ତସନ୍ତିଆ ଜାଗାରେ ଏହା ଭଲ ବଢ଼େ । ଏହି ଗଛର ମୂଳ ବା କନ୍ଦ ବେଶୀ ମୋଟା ନୁହେଁ । ଏହାର ପତ୍ରର ଲମ୍ବ ୦.୯ ମିଟରରୁ ଆରମ୍ଭ କରି ୧.୮ ମିଟର ପର୍ଯ୍ୟନ୍ତ ହୋଇଥାଏ । ଇଂରାଜୀରେ ଏହି ଗଛଟି ସୁଇଟ୍ ଫ୍ଲାଗ୍, କାଲାମସ୍ ରୁଟ୍ ନାଁରେ ପରିଚିତ । ବଚ ତୀବ୍ର ଗନ୍ଧଯୁକ୍ତ ହୋଇଥିବାରୁ ଏହାକୁ ଉଗ୍ରଗନ୍ଧା କୁହାଯାଏ । ଏହା ମାନସିକ ବିକାର, ପେଟ ସଫା ରଖିବା, ଉନ୍ମାଦ ଏବଂ ବାତ ଆଦି ଦୂର କରିବା ପାଇଁ ଔଷଧ ଭାବେ ବିବେଚିତ ହୋଇଥାଏ । ଏହା ଥଣ୍ଡା ଏବଂ କଫ ରୋଗକୁ ଦୂର କରିଥାଏ । ଏହା ଶରୀରରେ ଉଷ୍ଣତା ସୃଷ୍ଟି କରିଥାଏ । ଦେହରେ ଜ୍ୱର ଥିଲେ କମ୍ପ ଆସୁଥିଲେ ତାହାର ଉପଚାର କରେ । ପକ୍ଷାଘାତରେ ପୀଡିତ ଅଙ୍ଗରେ ଏହାର ଲେପ ଦିଆଯାଇଥାଏ । ଏହା ମୂତ୍ର ସୃଷ୍ଟି କରୁଥିବାରୁ ପଥରୀ ରୋଗ ଆରୋଗ୍ୟରେ ଲାଭପ୍ରଦ ହୋଇଥାଏ । ବଚ ସ୍ମୃତି ଶକ୍ତି



ବୃଦ୍ଧି କରେ, କଣ୍ଠକୁ ସଫା ରଖେ । ଶରୀରରୁ ବିଜାତୀୟ ପଦାର୍ଥକୁ ଏହା ବାହାରକୁ ବାହାର କରିଦିଏ । ଗାୟକମାନଙ୍କ କଣ୍ଠ ପଡିଗଲେ ବଚ ଖାଇ ସେମାନେ କଣ୍ଠକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ପ୍ରଯତ୍ନ କରିଥାନ୍ତି । ଏହାର ସେବନ ଦ୍ୱାରା କୃମିରୋଗରୁ ରକ୍ଷା ମିଳିଥାଏ । ଆୟୁର୍ବେଦରେ ଏହାର ଆନ୍ତରିକ ପ୍ରୟୋଗ ପାଇଁ ପ୍ରଥମେ ବଚକୁ ଅଦାରସ କିମ୍ବା ଦୁଗ୍ଧରେ ସିଝାଇ ତାକୁ ଶୋଧ କରାଯାଇଥାଏ ।

ବଚକୁ ସଳ୍ପ ମାତ୍ରାରେ ସେବନ କରିବା ଦ୍ୱାରା ଏହା ପାଚକର କାର୍ଯ୍ୟ କରିଥାଏ, ଅର୍ଥାତ୍ ହଜମ କାରକ ହୋଇଥାଏ । ମାତ୍ର ଅଧିକ ନେବା ଦ୍ୱାରା ଏହା ବାନ୍ତି କରାଇ ଦେଇଥାଏ । ବିଭିନ୍ନ ପ୍ରକାର ପେଟରୋଗରେ ଏହାକୁ ପ୍ରୟୋଗ କରାଯାଇଥାଏ । ବିଶେଷକରି ବାୟୁରୋଗ ପାଇଁ ନାଭି ଉପରେ ଏହାର ପ୍ରଲେପ ଦେବା ଦ୍ୱାରା ରୋଗର ଉପଶମ ହୋଇଥାଏ ।

ମାନସିକ ବିକାର ଦୂର ପାଇଁ ବ୍ରାହ୍ମୀ, ମଣ୍ଡୁକପର୍ଣ୍ଣୀ ଏବଂ ଶଙ୍ଖପୁଷ୍ପୀ ସହ ବଚର ପ୍ରୟୋଗ କରାଯାଇଥାଏ । ଛାତିରେ କଫ ଜମା ହୋଇଥିଲେ ମୁଲେଠି, ଅରୁସା ଏବଂ ତୁଳସୀ ସହିତ ଏହାର ପ୍ରୟୋଗ କରାଯାଇଥାଏ ।

ବଚର ଚୂର୍ଣ୍ଣ ୫ ରତି ନେଇ ହାଲକା ଉଷୁମ କ୍ଷୀର ସହ ସେବନ କରିବା ଦ୍ୱାରା ଛାତିରୁ କଫ ବାହାରି ଯାଇଥାଏ । କ୍ଷୀର କିମ୍ବା ଘିଅ ସହ ଏହାର ଚୂର୍ଣ୍ଣକୁ ଖାଇବା ଦ୍ୱାରା ମସ୍ତିଷ୍କ ଉପରେ ସୁପ୍ରଭାବ ପକାଇଥାଏ । ଏହା ସ୍ମୃତିଶକ୍ତି ବୃଦ୍ଧି କରେ । ସ୍ମୃତିଶକ୍ତି ବୃଦ୍ଧି ପାଇଁ ଏହି ଗଛର କନ୍ଦର ଚୂର୍ଣ୍ଣକୁ ଦିନକୁ ଦୁଇଥର ମହୁ ସହ ସେବନ କରିବାକୁ ପଡିଥାଏ ।

ଉନ୍ମାଦ ପୀଡିତ ବ୍ୟକ୍ତି ଏହାର ଚୂର୍ଣ୍ଣ ୫ ରୁ ୧୦ ରତି ନେଇ ମହୁ ସହ ଚାଟି ଖାଇବା ଦ୍ୱାରା ଏହି ରୋଗର ଉପଶମ ଘଟେ । ବାନ୍ତି କରାଇବା ପାଇଁ ୬୨୫ ମି.ଗ୍ରା.ରୁ ଆରମ୍ଭ କରି ଦୁଇଗ୍ରାମ ପର୍ଯ୍ୟନ୍ତ ଏହାର ଚୂର୍ଣ୍ଣ ବ୍ୟବହାର କରାଯାଇଥାଏ ।

ବଚର ଚୂର୍ଣ୍ଣକୁ ପାଣିରେ ଭଲ ଭାବେ ଘୋଟି ଜ୍ୱର ପୀଡିତ ବ୍ୟକ୍ତିର ମଥାରେ ପ୍ରଲେପ ଦେବା ଦ୍ୱାରା ଜ୍ୱରରୁ ଉପଶମ ମିଳିଥାଏ । ଜଟିଳ ପ୍ରସବ ସମୟରେ ବଚ ସହ ଗୋଲମରିଚ ଗଛର ମୂଳ ଏବଂ କେଶରକୁ ମିଶାଇ ସେବନ ପାଇଁ ଦିଆଯାଇଥାଏ । ଯନ୍ତ୍ରଣାପ୍ରଦ ମାସିକ ସ୍ରାବ ସମୟରେ ଏହାର ମଧ ଉପଯୋଗ କରାଯାଇଥାଏ ।

ସାବଧାନତା: ବଚର ବ୍ୟବହାରରେ କେତେକ ସତର୍କତା ଅବଲମ୍ବନ କରିବା ଜରୁରୀ । ଆମେ ଜାଣି ରଖିବା ଦରକାର ବଚ ସ୍ୱଭାବରେ ଉଷ୍ଣ । ଶିଶୁ ଗର୍ଭରେ ଥିବା ବେଳେ କିମ୍ବା ସ୍ତନ୍ୟପାନ କରାଉଥିବା ସମୟରେ ଏହାର ସେବନ କରିବା ଅନୁଚିତ । ମାତ୍ରାଧିକ ସେବନ ଦ୍ୱାରା ଏହା ବାନ୍ତି କରାଇବା, ମୁଣ୍ଡ ବିନ୍ଧିବା ତଥା ପିତ୍ତ ବୃଦ୍ଧି କରାଇଥାଏ । ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଏହା ସେବନ ନ କରିବା ଭଲ । ମାସିକ ଋତୁସ୍ରାବରେ ଅନିୟମିତତା, ଅର୍ଶ, ପେଟରେ ଘା' ଆଦି ସମସ୍ୟା ଥିଲେ ବଚ ସେବନ କରିବା ଅନୁଚିତ । ପିତ୍ତ ପ୍ରକୃତିର ବ୍ୟକ୍ତି ଏହାର ସେବନ ନ କରିବା ଭଲ । ଦୀର୍ଘଦିନ ପାଇଁ ଏହାର ଲଗାତର ସେବନ କରନ୍ତୁ ନାହିଁ । ବଚ ସେବନ କରିବା ଦ୍ୱାରା କୌଣସି ଦୁଷ୍ପ୍ରଭାବ ପଡିଥିଲେ ତାକୁ ଏଡାଇବା ପାଇଁ ତୁରନ୍ତ ଲେମ୍ବୁ ପାଣି ପିଅନ୍ତୁ ।

## କେଉଁ କେଉଁ ରୋଗରୁ ରକ୍ଷାକରେ କେଉଁ ଫଳ

**ଅମୃତଭଣ୍ଡା :** ପାଇଲ୍ସ ସମସ୍ୟାରୁ ରକ୍ଷା କରିଥାଏ ।

**ତରଭୁଜ :** ହାର୍ଟ ଏବଂ ସ୍କିନ୍ ରୋଗରୁ ରକ୍ଷା ପାଇବାକୁ ଖାଆନ୍ତୁ ।

**ପିଜୁଳି :** ହର୍ମୋନାଲ ଇନବାଲାନ୍ସ ସମସ୍ୟାରୁ ରକ୍ଷା କରିଥାଏ ।

ପେଟର କୃମି ତଥା ଅନ୍ୟ ଜୀବାଣୁ ସମସ୍ୟା ଦୂର କରିବାକୁ ଜାମୁ ଖାଆନ୍ତୁ । କିଡନୀ ଷ୍ଟୋନ୍ ସମସ୍ୟା ଦୂର କରିବାକୁ ଆମ୍ବ ଖାଆନ୍ତୁ ।

## ଆପଣ ଜାଣନ୍ତି କି ?

- ବିନା ମୁଣ୍ଡରେ ଅସରପା ଏକ ସପ୍ତାହ ପର୍ଯ୍ୟନ୍ତ ବଞ୍ଚିପାରେ ।
- ଅସରପା ୪୦ ମିନିଟ ପର୍ଯ୍ୟନ୍ତ ନିଃଶ୍ୱାସ ରୋକିପାରେ ଓ ପାଣି ଭିତରେ ୩୦ ମିନିଟ୍ ପର୍ଯ୍ୟନ୍ତ ନିଃଶ୍ୱାସ ବନ୍ଦ କରି ରହିପାରେ ।
- ଅସରପା ସେକେଣ୍ଡକୁ ୫.୪ କିଲୋମିଟର ବେଗରେ ଦୌଡିପାରେ । ତେଣୁ ଘରେ ପ୍ରଦୂଷଣ ବା



ବ୍ୟାକ୍ଟେରିଆ ଖୁବ୍ ଶୀଘ୍ର ପ୍ରସାରିତ କରିଥାଏ ଅସରପା ।
- ଜନ୍ମ ପରେ ଜର୍ମାନ୍ ପ୍ରଜାତି ଅସରପା ୩୬ ଦିନରେ ବଡ଼ ହୋଇଯାଇଥାଏ ।
- ଦକ୍ଷିଣ ଆମେରିକାରୁ ମିଳିଥିବା ବିଶ୍ୱର ସବୁଠାରୁ ବଡ଼ ଅସରପାର ଲମ୍ବ ୬ ଇଞ୍ଚ । ଅନ୍ୟ ସାଧାରଣ ଅସରପାଙ୍କ ଲମ୍ବ ଅଧ ଇଞ୍ଚରୁ ଦୁଇ ଇଞ୍ଚ ଭିତରେ ହୋଇଥାଏ ।
- ଅସରପାଙ୍କ ସୃଷ୍ଟି ୨୮ କୋଟି ବର୍ଷ ପୂର୍ବରୁ ହୋଇଥିବା ବିଶ୍ୱାସ କରାଯାଏ ।
- ସମଗ୍ର ବିଶ୍ୱରେ ପ୍ରାୟ ୪୦୦୦ ପ୍ରଜାତିର ଅସରପା ରହିଛନ୍ତି ।
- ଅସରପା ବିନା ଖାଦ୍ୟରେ ଏକମାସ ବଞ୍ଚିପାରେ, କିନ୍ତୁ ପାଣି ବିନା ଏକ ସପ୍ତାହରୁ ଅଧିକ ବଞ୍ଚିପାରେ ନାହିଁ ।

## ଗ୍ରୀଷ୍ମ ଋତୁରେ ଗୋଲମରିଚ ଖାଇବାର ଫାଇଦା

ଗ୍ରୀଷ୍ମଋତୁ ଆସି ଯାଇଛି । ଗ୍ରୀଷ୍ମଋତୁରେ ଲୋକେ ଖରାଗରମରେ ଅତିଷ୍ଠ ହୋଇପଡ଼ି ଥାନ୍ତି । ବିଶେଷ କରି ଯେଉଁମାନେ ଖରାବେଳେ ବାହାରେ କାମ କରନ୍ତି ସେମାନେ ନାନା ଅସୁବିଧା ଭୋଗ କରିଥାନ୍ତି । ତେବେ ଗ୍ରୀଷ୍ମଋତୁରେ କେତେକ ଆୟୁର୍ବେଦୀୟ କୌଶଳ ଆପଣାଇଲେ ତାହା ଶରୀରକୁ ଥଣ୍ଡା ଓ ସୁସ୍ଥ ରଖିଥାଏ । ଗ୍ରୀଷ୍ମଋତୁରେ ଗୋଲମରିଚ ଖାଇବା ଫଳରେ ଅନେକ ଫାଇଦା ମିଳିଥାଏ । ଏହା ପାଚକ ତନ୍ତ୍ରକୁ ମଜଭୁତ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ଥାଏ । ଗ୍ରୀଷ୍ମଋତୁରେ ପାଣି ଓ ଘୋଳ ଦହିରେ ଗୋଲମରିଚ ମିଶାଇ ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର ହୋଇଥାଏ । ଆୟୁର୍ବେଦ ଡାକ୍ତରଙ୍କ ଅନୁଯାୟୀ ଖରାଦିନ ସକାଳେ ନଖ ଉଷୁମ ପାଣିରେ ଅଳ୍ପ ଗୋଲମରିଚ ଗୁଣ୍ଡ ମିଶାଇ ପିଇଲେ ତାହା ଶରୀରରୁ ବିଷାକ୍ତ ଦ୍ରବ୍ୟ ନିଷ୍କାସନରେ ସହାୟକ



ହୋଇଥାଏ । ଏଥିସହ ପାଚନଯନ୍ତ୍ରକୁ ମଜଭୁତ କରିଥାଏ । ଫଳରେ ଖାଦ୍ୟ ସହଜରେ ହଜମ ହୋଇପାରେ । ଏହି ଉପାୟ ପେଟର ଅଧିକାଂଶ ସମସ୍ୟାକୁ ସମାଧାନରେ ସହାୟକ ହୋଇଥାଏ । ଏତଦ୍‌ବ୍ୟତୀତ ଏହା ଶରୀରକୁ ଶକ୍ତି ପ୍ରଦାନ କରେ । ସେହିପରି ଗୋଲମରିଚ ଯୁକ୍ତ ଦହିପାଣି ଶରୀରକୁ ଥଣ୍ଡା ରଖିବାରେ ସହାୟକ । ଖରାଗରମଜନିତ ସମସ୍ୟାରୁ ଏହା ଆଶ୍ୱସ୍ତି ଦେବା ସହ ପେଟର ଗ୍ୟାସ, ବଦହଜମି ଆଦିକୁ ଦୂର କରିଥାଏ । ଏଥସହ ଏହା ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇ ଥାଏ । ସକାଳେ ଗୋଲମରିଚ ମିଶା ଉଷୁମ ପାଣି ଓ ଦ୍ୱି ପ୍ରହରରେ ଗୋଲମରିଚ ମିଶା ଘୋଳଦହି ପିଇବା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ ବୋଲି ଜଣାପଡ଼ିଛି ।

## ଔଷଧରେ ଭରପୁର ଲବଙ୍ଗ

ଖାଦ୍ୟର ସ୍ୱାଦ ବଢ଼ାଇବାକୁ ହେଉ ବା ଯନ୍ତ୍ରଣାରୁ ମୁକ୍ତି ପାଇବା ଲାଗି ଛୋଟ ଲବଙ୍ଗ କଢ଼ିର ଲାଭ ଅନେକ । ସାଧାରଣ ଥଣ୍ଡା-ଜ୍ୱରରୁ ଆରମ୍ଭ କରି କ୍ୟାନ୍‌ସର ପର୍ଯ୍ୟନ୍ତ ଏକାଧିକ ଗୁରୁତର ରୋଗର ଚିକିତ୍ସାରେ ଲବଙ୍ଗ ବ୍ୟବହାର କରାଯାଇଥାଏ । ଆୟୁର୍ବେଦ୍, ହୋମିଓପାଥି ତଥା ଏଲୋପାଥି ପରି ଚିକିତ୍ସାରେ ବି ଲବଙ୍ଗର ମହତ୍ତ୍ୱ ଅଧିକ ।



ମସଲା ଆକାରରେ ଲବଙ୍ଗର ବ୍ୟବହାର ଶରୀର ପାଇଁ ଖୁବ୍ ଲାଭଦାୟକ । ଏଥିରେ ପ୍ରୋଟିନ୍, ଆଇରନ୍, କାର୍ବୋହାଇଡ୍ରେଟ୍‌ସ, କ୍ୟାଲସିୟମ୍, ଫସଫରସ୍, ପଟାସିୟମ୍, ସୋଡିୟମ ଏବଂ ହାଇଡ୍ରୋକ୍ଲୋରିକ୍ ଏସିଡ୍ ପ୍ରଚୁର ମାତ୍ରାରେ ମିଳେ । ଭିଟାମିନ୍- ଏ.ସି, ମାଙ୍ଗାନିଜ୍ ଏବଂ ଫାଇବର ବି ପ୍ରଚୁର ମାତ୍ରାରେ ରହିଛି ।

ଲବଙ୍ଗ ଏକ ଉତ୍ତମ ଗୁଣର ଯନ୍ତ୍ରଣା ନିବାରକ । ଏଥିରେ ଥିବା ୟୁଜେନଲ ଦାନ୍ତ ଯନ୍ତ୍ରଣାରୁ ମୁକ୍ତି ପାଇଁ ଖୁବ୍ ଭଲ । ଦାନ୍ତରେ ଯେତେ ଯନ୍ତ୍ରଣା ପାଉଥିଲେ ବି ସେଥିରେ ଲବଙ୍ଗ ତେଲ ଲଗାଇଲେ ଏହା ଦୂର ହୋଇଯାଏ । ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ ବିଶେଷତ୍ୱ ଥିବାରୁ ଏବେ ଏକାଧିକ ଟୁଥପେଷ୍ଟ, ମାଉଥୱାଶ ଏବଂ କ୍ରିମ୍ ପ୍ରସ୍ତୁତ କରିବାରେ ଏହାକୁ ବ୍ୟବହାର କରାଯାଉଛି ।

ଲବଙ୍ଗ ତଥା ଏହାର ତେଲର ଆଣ୍ଟିସେପ୍‌ଟିକ୍ ଗୁଣ ଥାଏ । ତେଣୁ ଫଙ୍ଗାଲ ଇନ୍‌ଫେକ୍‌ସନ୍, କଟା, ପୋଡା କ୍ଷତସ୍ଥାନରେ ତଥା ଚର୍ମ ସମ୍ବନ୍ଧୀୟ ଅନ୍ୟ ସମସ୍ୟାର ଚିକିତ୍ସା ଲାଗି ଏହାକୁ ବ୍ୟବହାର କରାଯାଏ । ତେବେ ଲବଙ୍ଗ ତେଲକୁ ସିଧା ଚର୍ମରେ ଲଗା ନ ଯାଇ ଏହାକୁ କୌଣସି ତେଲରେ ମିଶାଇ ଲଗାଇବାକୁ ହୋଇଥାଏ ।

## କହିପାରିବେ କି ?

(୧) ଷ୍ଟାଚ୍ୟୁ ଅଫ୍ ୟୁନିଟି କେଉଁଠାରେ ରହିଛି ?
(୨) ଟେଲିଫୋନ୍ କିଏ ଆବିଷ୍କାର କରିଥିଲେ ?
(୩) ଚନ୍ଦ୍ର ପୃଷ୍ଠରେ କିଏ ପ୍ରଥମେ ପାଦ ରଖିଥିଲେ ?
(୪) ଏଭରେଷ୍ଟ ଆରୋହଣ କରିଥିବା ପ୍ରଥମ ମହିଳାଙ୍କ ନାମ କ'ଣ ?
(୫) ଶୂନର ଆବିଷ୍କାର କିଏ କରିଥିଲେ ?
(୬) ଅଗଷ୍ଟ ୧୫ ରେ ଭାରତର ପ୍ରଧାନମନ୍ତ୍ରୀ କେଉଁଠାରେ ପତାକା ଉତ୍ତୋଳନ କରିଥାନ୍ତି ?
(୭) କେଉଁ ଦେଶରେ ଆଦୌ ମଶା ନାହାନ୍ତି ?
(୮) ମର୍ଣ୍ଣି ଷ୍ଟାର କାହାକୁ କୁହାଯାଏ ?
(୯) କୁମ୍ଭ ମେଳା କେତେ ବର୍ଷ ପରେ ଆୟୋଜିତ ହୋଇଥାଏ ?
(୧୦) ସୂର୍ଯ୍ୟଙ୍କ କିରଣରୁ କେଉଁ ଭିଟାମିନ୍ ମିଳିଥାଏ ?

**JUMBLE WORDS**

| | | | |
|---|---|---|---|
| 1) RIHYA | = | 6) SRPNU | = |
| 2) UNHAM | = | 7) UNCYTO | = |
| 3) GARNDO | = | 8) GEALRR | = |
| 4) CETTUS | = | 9) MLUPP | = |
| 5) SOKKI | = | 10) VLANA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର **:-**

୧. ନାଥୁରାମ ଗଡ଼ସେ, ୨. ଭାରତ ରତ୍ନ, ୩.୧୯୧୯, ୪. ହେ ରାମ, ୫. ୧୮ ଦିନ, ୬.୫୪୫, ୭. ଓଡ଼ିଶା, ୮.ରାଜା ହରିଶ୍ଚନ୍ଦ୍ର, ୯. ୨୩ ମାର୍ଚ୍ଚ ୧୯୩୧, ୧୦. ଉତ୍ତର ପ୍ରଦେଶ ।

***Jumble Words*** ର ଉତ୍ତର **:-**

(1) FRUGAL (2) SCORCH (3) EXERT (4) SKIMP (5) HOTTER (6) ANYWAY (7) STASH (8) ENJOY (9) LENGTH (10) CROUCH

# ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣତି

ଭୁବନେଶ୍ୱର : ଜଳବାୟୁ ପରିବର୍ତ୍ତନର ଭୟାବହତା ଏବେ ସାରା ବିଶ୍ୱକୁ ଚିନ୍ତାରେ ପକାଇଛି । ପ୍ରତିବର୍ଷ ପାଣିପାଗ ପରିବର୍ତ୍ତନ ଯୋଗୁଁ ହଜାର ହଜାର କୋଟିର କ୍ଷୟକ୍ଷତି ସାଙ୍ଗକୁ ବହୁ ଲୋକ ପ୍ରାଣ ହରାଉଛନ୍ତି । ସମଗ୍ର ବିଶ୍ୱରେ ଭାରତର ସ୍ଥିତି ଏ ଦୃଷ୍ଟିରୁ ସବୁଠୁ ଉଦ୍‌ବେଗଜନକ ଥିବାବେଳେ ଦେଶରେ ଓଡ଼ିଶାର ସ୍ଥିତି ଅଧିକ ଜଟିଳ ରହିଛି । ପରିବେଶ ଓ ମାନବିକ ଅଧିକାର ସଂସ୍ଥା 'ଜର୍ମାନ ୱାଚ୍ "ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହା ଉଲ୍ଲେଖ ରହିଛି । ଜଳବାୟୁ ପରିବର୍ତ୍ତନର ଭୟାବହତା ଓ ଏହାଦ୍ୱାରା ଭାରତରେ ବୃଦ୍ଧି ପାଉଥିବା ବିଷମ ଜଳବାୟୁ ଘଟଣାର ଅବତାରଣା କରାଯାଇ ଗତ ୩ ଦଶନ୍ଧି (୧୯୯୩-୨୦୨୨) ମଧ୍ୟରେ ୪୦୦ରୁ ଅଧିକ ଉଚ୍ଚପ୍ରଭାବୀ ପାଣିପାଗ ପରିବର୍ତ୍ତନ କଥା କୁହାଯାଇଛି । ଜଳବାୟୁ ପରିବର୍ତ୍ତନ ଜନିତ ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୮୦ ହଜାର ଲୋକଙ୍କ ମୃତ୍ୟୁ ଘଟିଛି ଓ ପ୍ରାୟ ୧୮୦ ବିଲିୟନ ଡଲାର୍ କ୍ଷତି ଘଟିଥିବା କଥା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ୧୯୯୩-୨୦୨୨ ଅର୍ଥାତ ୩ ଦଶନ୍ଧି ମଧ୍ୟରେ ଭାରତରେ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଘଟିଛି । ଏଥିରେ ସବୁଠୁ ଅଧିକ କ୍ଷୟକ୍ଷତି ଘଟାଇଥିବା ପ୍ରାକୃତିକ ବିପର୍ଯ୍ୟୟକୁ ବିଷମ ଜଳବାୟୁ ଘଟଣା ଶ୍ରେଣୀଭୁକ୍ତ କରାଯାଇଛି । ଏହି ସମୟରେ ବିଶ୍ୱର ୧୦ ପ୍ରତିଶତ ଲୋକଙ୍କ ମୃତ୍ୟୁ ଘଟିଛି । ଭାରତ ମୁଖ୍ୟତଃ ବନ୍ୟା, ଗ୍ରୀଷ୍ମପ୍ରବାହ ଓ ଘୂର୍ଣ୍ଣିବାତ୍ୟା ଦ୍ୱାରା ଅଧିକ ପ୍ରଭାବିତ ହେଉଛି । ୧୯୯୩, ୧୯୯୮ ଏବଂ ୨୦୧୩ରେ ଦେଶରେ ଭୟଙ୍କର ବନ୍ୟା, ୨୦୦୨, ୨୦୦୩ ଏବଂ ୨୦୧୫ରେ ପ୍ରବଳ ଗ୍ରୀଷ୍ମ ଲହରୀକୁ ଏଥରେ ସାମିଲ କରାଯାଇଛି । ଏହାସହିତ ୨୦୦୧ରେ ହୋଇଥିବା ଗୁଜରାଟ ଭୂମିକମ୍ପ ସହ ୧୯୯୯ ମହାବାତ୍ୟାରେ ପ୍ରଚଣ୍ଡ ଭାବରେ କ୍ଷତିଗ୍ରସ୍ତ ଓଡ଼ିଶାର ତଥ୍ୟ ପ୍ରଦାନ କରାଯାଇଛି । ୧୯୯୯ ମହାବାତ୍ୟା ଓଡ଼ିଶାକୁ ଛାରଖାର କରିଥିଲା । ସିଧାସଳଖ ଏହାଦ୍ୱାରା ଓଡ଼ିଶା ପ୍ରଭାବିତ ହୋଇଥିଲା । ଏହା ସହ ୨୦୧୪ ଏବଂ ୨୦୨୦ରେ ଆସିଥିବା ଘୂର୍ଣ୍ଣିବାତ୍ୟା ହୁଡହୁଡ ଏବଂ ଆମ୍ଫାନର କ୍ଷୟକ୍ଷତିକୁ ମଧ ଜର୍ମାନ୍ ୱାଚ୍ ଉଲ୍ଲେଖ କରିଛି । ହୁଡ୍‌ହୁଡ୍ ଓ ଅମ୍ଫାନ ଓଡ଼ିଶାରେ ସ୍ଥଳଭାଗ ଅତିକ୍ରମ କରି ନ ଥିଲେ ମଧ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଅନ୍ୟପକ୍ଷରେ ୨୦୧୩ରେ ଉତ୍ତରାଖଣ୍ଡ ବନ୍ୟା, ୧୯୯୮, ୨୦୦୨, ୨୦୦୩ ଏବଂ ୨୦୧୫ରେ ପ୍ରାୟ ୫୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସହିତ ତୀବ୍ର ଗ୍ରୀଷ୍ମ ଲହରୀ ଜନିତ ମୃତ୍ୟୁ ଓ କ୍ଷତି ଏଥିରେ ଉଲ୍ଲେଖ ରହିଛି ।

ଜଳବାୟୁ ସଙ୍କଟ କ୍ରମଶଃ ଏକ ବୈଶ୍ୱିକ ବିପଦରେ ପରିଣତ ହେବାକୁ ଯାଉଛି । ଏହାକୁ ମିଳିତ ଭାବେ ସମାଧାନ କରା ନ ଗଲେ ଆଗାମୀ ଦିନରେ ଏହାର ପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡ଼ିବ ବୋଲି ସଂସ୍ଥା ଚେତାବନୀ ଦେଇଛି । ଅନ୍ୟପଟେ ଗତ ବର୍ଷ ରାଜ୍ୟରେ ପାଖାପାଖି ୨୦ ଦିନ ପର୍ଯ୍ୟନ୍ତ ଲଗାତାର ଗ୍ରୀଷ୍ମ ଲହରୀ ସ୍ଥିତି ଉତ୍ପନ୍ନ ହୋଇଥିଲା । ଏହାସହ ରାଉରକେଲାରେ ଶତାଧିକ ଲୋକ ଅଂଶୁଘାତ ଯୋଗୁଁ ପ୍ରାଣ ହରାଇଥିବା ମଧ ଅଭିଯୋଗ ହୋଇଥିଲା । ଏଭଳି ଘଟଣାମାନ ଆଗକୁ ବୃଦ୍ଧି ପାଇବାର ଆଶଙ୍କା ରହିଥିବାରୁ ଲୋକମାନେ ଉଭୟ ଆର୍ଥିକ ଓ ସାମାଜିକ ଭାବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି । ଏହାସହିତ ଓଡ଼ିଶା ସରକାରଙ୍କ ପାଇଁ ମଧ ଏହି ଆହ୍ୱାନ ବଢ଼ିବାରେ ଲାଗିଛି । ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟ କ୍ରମାଗତ ଭାବେ ପ୍ରାକୃତିକ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ଆସୁଛି । ଯାହାର ପରିମାଣ ପ୍ରାୟ ୮୦ ହଜାର କୋଟି ଟଙ୍କା ହେବ । ସେହିପରି ଏବର୍ଷ ଶୀତର ପ୍ରଭାବ ଯଥେଷ୍ଟ କମ୍ ରହିଥିବା ବେଳେ ମାଘ ମାସରୁ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଛି । ଯଦି ଏହି ସ୍ଥିତି ଆଗକୁ ଜାରି ରହେ ତେବେ ପ୍ରାୟ ୫ ମାସ ପର୍ଯ୍ୟନ୍ତ ଲୋକେ ଖରା ଯୋଗୁଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି ।

# ଏନ୍ ଏସ୍ ସି ବି କଲେଜରେ କବି ରମାକାନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର : ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ପରିସରରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବିଶିଷ୍ଟ କବି ରମାକାନ୍ତ ରଥଙ୍କ ସ୍ମୃତିଚାରଣ କରିବା ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ସ୍ନାତକୋତ୍ତର ଓଡ଼ିଆ ବିଭାଗମୁଖ୍ୟ ଡକ୍ଟର ଶ୍ୟାମ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲ୍ ମୁଖ୍ୟଅତିଥି ଏବଂ ସ୍ନାତକୋତ୍ତର ଇତିହାସ ବିଭାଗମୁଖ୍ୟ ତଥା ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ଡକ୍ଟର ଦୁର୍ଲ୍ଲଭ କୁମାର ସା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ସ୍ୱର୍ଗୀୟ କବି ରମାକାନ୍ତ ରଥଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ଅଧାପିକା ଡକ୍ଟର ଶ୍ରଦ୍ଧାମୟୀ ପୁରୋହିତ, ଡକ୍ଟର ରଶ୍ମିତା ରାଉତରାୟ, ଅଧାପିକା ମେଞ୍ଜା ପୂର୍ତ୍ତି, ଅଧାପକ ରୋଶନ୍ ଭୋଇ ଏବଂ ସ୍ନାତକୋତ୍ତର ଛାତ୍ରୀ ପ୍ରଭାତୀ ପଧାନ ଓ ଚନ୍ଦ୍ରକାନ୍ତି ସୁନା ପ୍ରମୁଖ କବିଙ୍କ ବୃତ୍ତିଗତ ଜୀବନ, ସାରସ୍ୱତ ସାଧନା ସମ୍ପର୍କରେ ଆଲୋଚନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଛାତ୍ରୀ ବିଷ୍ଣୁପ୍ରିୟା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁର୍ଲାରେ 'ଦିଦିକି ମହିମା' କାର୍ଯ୍ୟକ୍ରମ

ବୁର୍ଲା : ସଦେଇ ପାଲି ବିଜୁ କଲ୍ୟାଣ ମଣ୍ଡପ ନିକଟସ୍ଥ ନେସେନାଲ ଇନଷ୍ଟିଚ୍ୟୁଟ ଅଫ କମ୍ପ୍ୟୁଟର ଟେକ୍ନୋଲୋଜି ଅନୁଷ୍ଠାନ ପକ୍ଷରୁ ଉର୍ଜା ଗ୍ଲୋବାଲ ଓ ପ୍ରାସ ଏଣ୍ଟରପ୍ରାଇଜଙ୍କ ମିଳିତ ଉଦ୍ୟମରେ 'ଦିଦିକି ମହିମା' ନାମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡାକ୍ତର ରାମ ଚରଣ ପ୍ରଧାନ ମୁଖ୍ୟ ଅତିଥି, କଳାବିକାଶ କେନ୍ଦ୍ରର ସମ୍ପାଦକ ଶ୍ରୀ ନିରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଓ ପ୍ରାସ୍ ଏଣ୍ଟରପ୍ରାଇଜର ଜିଲ୍ଲା ପରିଚାଳକ ଶ୍ରୀ କୈଳାସ ମେହେର, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ପରିଚାଳକ ଶ୍ରୀ ଗୌରିଶଙ୍କର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ନାରୀମାନେ କିପରି ସ୍ୱାବଲମ୍ବୀ ହୋଇ କାହା ଉପରେ ନିର୍ଭର ନକରି ନିଜ ଗୋଡରେ ନିଜେ ଠିଆ ହୋଇ ସ୍ୱାଧୀନ ଭାବେ କାର୍ଯ୍ୟକ୍ଷମ ହୋଇପାରିବେ ସେ ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶ୍ରୀ ସତ୍ୟବ୍ରତ ସାହୁ, ପୀତବାସ ସାହୁ, ପ୍ରକାଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଶ୍ରୀ ଶୁଭେନ୍ଦୁ ସାହୁ ଧନ୍ୟବାଦ ଅର୍ପଣ କରି ଥିଲେ ।

# ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମାମଲା ବିଧାୟକଙ୍କ ବିରୋଧରେ ମକଦ୍ଦମା ଚାଲିବ

କଟକ : ଝାରସୁଗୁଡ଼ାର ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ନିର୍ବାଚନ ମାମଲା ଚାଲିବ । ଶ୍ରୀ ତ୍ରିପାଠୀ ତାଙ୍କ ସତ୍ୟପାଠରେ ଭୁଲ ତଥ୍ୟ ଦେଇଥିବା ଅଭିଯୋଗ କରି ପରାଜିତ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ମାମଲା ଦାଏର କରିବା ସହ ବିଧାୟକଙ୍କ ସଦସ୍ୟତା ରଦ୍ଦ କରିବାକୁ ପ୍ରାର୍ଥନା କରିଛନ୍ତି । ଏହି ମାମଲାକୁ ଶୁଣାଣି ପୂର୍ବରୁ ଖାରଜ କରିବା ପାଇଁ ବିଧାୟକଙ୍କ ପକ୍ଷରୁ ଏକ ଅନ୍ତରୀଣ ପିଟିସନ୍ ଦାଏର କରଯାଇଥିଲା । ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ବିଧାୟକଙ୍କ ପକ୍ଷରୁ ଦାଖଲ ଏହି ଅନ୍ତରୀଣ ପିଟିସନ୍‌କୁ ଖାରଜ କରିଛନ୍ତି । ଫଳରେ ବିଧାୟକ ଶ୍ରୀ ତ୍ରିପାଠୀଙ୍କ ବିରୋଧରେ ଦାଏର ନିର୍ବାଚନ ମାମଲାର ଶୁଣାଣି ଚାଲିବ ବୋଲି ସ୍ପଷ୍ଟ ହୋଇଯାଇଛି । ଅନ୍ତରୀଣ ପିଟିସନର ରାୟ ପ୍ରକାଶ କରି ହାଇକୋର୍ଟ କହିଛନ୍ତି ଯେ, ନିର୍ବାଚନ ମାମଲାରେ ଆବେଦନକାରିଣୀ ନିର୍ଦ୍ଦିଷ୍ଟ ଭାବେ କିଛି ଅଭିଯୋଗ ଆଣିଛନ୍ତି । ଯାହାକି ବିଚାରଯୋଗ୍ୟ । ଆବେଦନକାରିଣୀଙ୍କ ପକ୍ଷରୁ ପିଟିସନ୍‌ରେ ପୋଷ୍ଟାଲ ବାଲାଟ ସଂଖ୍ୟା ଦିଆଯାଇ ନାହିଁ କିମ୍ବା କାଉଣ୍ଟିଂ ଏଜେଣ୍ଟଙ୍କ ସଂଖ୍ୟା ଦିଆଯାଇନି ବୋଲି ଯୁକ୍ତିରେ ମୂଳ ନିର୍ବାଚନ ମାମଲାକୁ ରଦ୍ଦ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିଚାର ସମୟରେ ଆବେଦନ କାରିଣୀଙ୍କର କାର୍ଯ୍ୟ ହେଉଛି ସେ କରିଥିବା ଅଭିଯୋଗ ଆଧାରରେ ପ୍ରମାଣ ଯୋଗାଡ଼ କରିବା । ଏହି ଆଧାରରେ ହାଇକୋର୍ଟ ବିଧାୟକ ଶ୍ରୀ ତ୍ରିପାଠୀଙ୍କ ଅନ୍ତରୀଣ ପିଟିସନକୁ ହାଇକୋର୍ଟ ଖାରଜ କରିବା ସହ ଆବେଦନକାରିଣୀଙ୍କୁ ତିନି ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଅନାସ୍ଥାରେ ହାରିଲେ ସମାସିଂହା ସରପଞ୍ଚ

ଝାରସୁଗୁଡ଼ା : କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତ ସରପଞ୍ଚ କରୁଣାକର ସେଠ୍ ଅନାସ୍ଥା ଭୋଟରେ ହାରିଛନ୍ତି । ଶ୍ରୀ ସେଠ୍‌ଙ୍କ ବିରୋଧରେ ଗତ ନଭେମ୍ବର ୨୭ରେ ଅନାସ୍ଥା ଭୋଟ୍ ହୋଇଥିଲା । ପଞ୍ଚାୟତର ସମସ୍ତ ୧୩ ଜଣ ୱାର୍ଡ ସଭ୍ୟସଭ୍ୟା ଭୋଟ୍ ଦେଇଥିଲେ । ହାଇକୋର୍ଟଙ୍କ ରହିତାଦେଶ ଫଳରେ ଫଳାଫଳ ଘୋଷଣା ହୋଇ ନ ଥିଲା । ପ୍ରାୟ ସାଢ଼େ ତିନି ମାସ ପରେ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟ ସଭା କକ୍ଷରେ କଡ଼ା ସୁରକ୍ଷା ମଧ୍ୟରେ ଗଣତି ହୋଇଥିଲା । ଗଣତି ଫଳାଫଳ ଅନୁଯାୟୀ ସମସ୍ତ ୧୩ଟି ଭୋଟ ଅନାସ୍ଥା ସପକ୍ଷରେ ପଡ଼ିଥିଲା । ସରପଞ୍ଚଙ୍କ ସପକ୍ଷରେ କୌଣସି ଭୋଟ ପଡ଼ିନଥିଲା । ଫଳରେ ଅନାସ୍ଥାରେ ସରପଞ୍ଚ ନିଜ ପଦବି ହରାଇଛନ୍ତି । ଲଇକେରା ତହସିଲଦାର ଦିଲୀପ ମାଝୀ ପ୍ରିଜାଇଡିଂ ଅଫିସର୍ ଦାୟିତ୍ୱ ତୁଲାଇଥିଲେ ।

# ସୋହେଲାରେ ଏଡିଜେ କୋର୍ଟ ବିଚାରାଧୀନ

ନୂଆଦିଲ୍ଲୀ : ଓଡ଼ିଶାର ବରଗଡ଼ ଜିଲ୍ଲାର ସୋହେଲାଠାରେ ଏକ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ (ଏଡିଜେ) କୋର୍ଟ ସ୍ଥାପନ ନେଇ ପ୍ରସ୍ତାବ ଓଡ଼ିଶା ହାଇକୋର୍ଟଙ୍କ ସକ୍ରିୟ ବିଚାରାଧୀନ ରହିଛି । ତେବେ ଏ ନେଇ ଏବେ ଆବଶ୍ୟକ ଭିତ୍ତିଭୂମି ନାହିଁ ବୋଲି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ବରଗଡ଼ ବିଜେପି ସାଂସଦ ପ୍ରଦୀପ ପୁରୋହିତଙ୍କ ଏକ ପ୍ରଶ୍ନର ଉତ୍ତରରେ ଲୋକସଭାରେ ଏହା କହିଛନ୍ତି । ତେବେ ସେ ଦର୍ଶାଇଛନ୍ତି ଯେ, କେନ୍ଦ୍ର ସରକାର ନ୍ୟାୟିକ ଭିତ୍ତିଭୂମିକୁ ମଜଭୁତ କରିବାକୁ ପ୍ରତିଶ୍ରୁତିବଦ୍ଧ । ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ଏଥିଲାଗି ଓଡ଼ିଶାକୁ ୪୫.୩୩ କୋଟି ଟଙ୍କା ପ୍ରଦାନ କରିଛି । ଆଗାମୀ ପ୍ରକଳ୍ପଗୁଡିକ ପାଇଁ ଆହୁରି ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ମେଘୱାଲ କହିଥିଲେ ।

# ଇଟାଲୀୟ ଦମ୍ପତି ଗ୍ରହଣ କରିବେ ପୋଷ୍ୟ ସନ୍ତାନ



ଝାରସୁଗୁଡ଼ା : ଜିଲ୍ଲାପାଳଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ଚୂଡ଼ାନ୍ତ ଶୁଣାଣି ପ୍ରକ୍ରିୟା ଆଭାସି ମାଧ୍ୟମରେ ସମ୍ପନ୍ନ ହୋଇଛି । ଜଣେ ୪ ବର୍ଷ ବୟସର ଦିବ୍ୟାଙ୍ଗ ଶିଶୁପୁତ୍ରକୁ ପୋଷ୍ୟପୁତ୍ର ଭାବେ ଗ୍ରହଣ ପାଇଁ ଆବେଦନ କରିଥିବା ଇଟାଲୀୟ ଦମ୍ପତିଙ୍କ ସପକ୍ଷରେ ରାୟ ପ୍ରଦାନ କରିଛନ୍ତି । ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧୀୟ ଆନୁଷଙ୍ଗିକ ପ୍ରକ୍ରିୟା ଜନ୍ମ ପ୍ରମାଣ ପତ୍ର, ଭିସା, ପାସପୋର୍ଟ ଆଦି ପ୍ରସ୍ତୁତି ହେଲା ପରେ ଇଟାଲୀୟ ଦମ୍ପତି ଝାରସୁଗୁଡ଼ା ଆସି ପୋଷ୍ୟ ପୁତ୍ରଙ୍କୁ ତାଙ୍କ ସହିତ ଇଟାଲୀ ନେବେ । ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଇଟାଲୀୟ ଦମ୍ପତି ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଶୁଣାଣି ପ୍ରକ୍ରିୟାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ କୁମାର ପଣ୍ଡା, ଶିଶୁ ସୁରକ୍ଷା ୟୁନିଟର ଚୂଡ଼ାମଣି ପଣ୍ଡା, ଶିଳ୍ପାଞ୍ଜଳି ତିର୍କି, ବ୍ରଜରାଜନଗର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପ୍ରବୀଣ ବାଗ ଓ ଡାନିଏଲ୍ସ ସଂସ୍ଥାର ମଞ୍ଜରୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ମିତ୍ରଭାନୁ ଗୌନ୍ତିଆଙ୍କ ଜନ୍ମଦିନ 'ରଙ୍ଗବତୀ ଦିନ' ରୂପେ ବିଭିନ୍ନ ସ୍ଥାନରେ ପାଳିତ







ସମ୍ବଲପୁର: ବିଶ୍ୱ ପ୍ରସିଦ୍ଧ ରଙ୍ଗବତୀ ଗୀତର ସ୍ରଷ୍ଟା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଜନ୍ମଦିନକୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ 'ରଙ୍ଗବତୀ ଦିନ' ଭାବେ ପାଳନ କରାଯାଇଛି ।



କବିଙ୍କ ଜନ୍ମସ୍ଥାନ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ରଙ୍ଗବତୀ ବିଲୁଙ୍ଗ ଗ୍ରାମରେ ଜନ୍ମଦିନ ପାଳିତ ହୋଇଛି । ରୂପାନନ୍ଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀପ୍ରାପ୍ତ ମିତ୍ରଭାନୁ ଗୌନ୍ତିଆ ଯୋଗଦେଇ ସମ୍ବଲପୁରୀ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିରେ ବରିଷ୍ଠ ନାଗରିକ ପୁରୁଷୋତ୍ତମ ପଙ୍ଗା ସମ୍ମାନିତ ଅତିଥି ଓ ଜରାବଗା ସେବାଶ୍ରମର ପ୍ରଧାନ ଶିକ୍ଷକ ପଙ୍କଜ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ମଳୟ ଭଇଁସା ଉପସ୍ଥିତ ଥିଲେ । ଉତ୍ସବରେ ରଙ୍ଗବତୀ କ୍ରୀଡା ସଂସ୍କୃତି ଏକାଡେମୀର ସଦସ୍ୟ ରାଜ କୁମାର ମାଝୀ, ଗମ୍ଭୀର ମାଝୀ, ସଞ୍ଜୀବ ସେନାପତି, କକିଲ କମାର, ତରୁଣୀ ଭଇଁଷା, ଦେବେନ୍ଦ୍ର ନାଏକ, ସୁରଥ ମାକର, ଚେରୁ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ବ୍ରଜମୋହନ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୂରଜ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି ବରିଷ୍ଠ କଳାକାର ଖତୁନାଥ ପିଙ୍ଗଙ୍କ ସଂଯୋଜନାରେ 'ଜୟ ଧର୍ମ ଗୁରୁ ଆଦିବାସୀ ଲୋକ କଳା' ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମଧ ଅନୁରୂପ ଉତ୍ସବ ପାଳିତ ହୋଇଥିଲା ।

ସମ୍ବଲପୁରରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିତ୍ରଭାନୁ ଗୌନ୍ତିଆଙ୍କ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଓ ବିଶିଷ୍ଟ ସଂସ୍କୃତି ଗବେଷକ ପ୍ରାଧ୍ୟାପକ ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟବକ୍ତା ରୂପେ ଯୋଗ ଦେଇ କବିଙ୍କର ସାହିତ୍ୟକୃତୀ ଉପରେ ଆଲୋଚନା କରି ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ ।

ବରଗଡ଼ ଜିଲ୍ଲାର ପଦ୍ମପୁରର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ 'ସିରଜିନା' ପକ୍ଷରୁ ଶ୍ରୀ ଆଦିତ୍ୟ କୁମାର ରଥଙ୍କ ସଭାପତିତ୍ୱ ଓ ରାଜେନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ପାଳିତ ହୋଇଥିବା 'ରଙ୍ଗବତୀ ଦିନ'ରେ ବିଶିଷ୍ଟ ଗାଳ୍ପିକା ତଥା ବକ୍ତା ସୁଶ୍ରୀ ରଞ୍ଜୁ ଲତା ସାହୁ ସମ୍ବଲପୁରୀ ସାହିତ୍ୟରେ ମିତ୍ରଭାନୁ




ଗୌନ୍ତିଆଙ୍କ ଅବଦାନ ତଥା 'ରଙ୍ଗବତୀ ଦିନ'ର ମାହାତ୍ମ୍ୟକୁ ଆଲୋଚନା କରିଥିଲେ । ବରିଷ୍ଠ ସଭ୍ୟ ଶ୍ରୀ ଭୋଜରାଜ ବୁଡେକ ମଧ କବିତା ମାଧମରେ ନିଜର ବକ୍ତବ୍ୟ ରଖିଥିଲେ । ଶ୍ରୀ ଆଦିତ୍ୟ କୁମାର ରଥ ମଧ ଗୌନ୍ତିଆଙ୍କ ସାହିତ୍ୟ ଏକ କାଳଜୟୀ ସାହିତ୍ୟ ବୋଲି ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସାହୁ ଓ ଶ୍ରୀ ରମେଶ ଗୁରଲା ରଙ୍ଗବତୀ ଗୀତକୁ ଅତି ସୁନ୍ଦର୍ ଭାବେ ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ଦାଶ, ନବକୃଷ୍ଣ ଦେବତା ଶ୍ରୀ ସୁରେଶ ଚୌହାନ, କୁଞ୍ଜ ବିହାରୀ ସରାଫ, ସନାତନ ବାରିକ ଓ କିଶୋର ପାତ୍ର ପ୍ରମୁଖ କଳାକାର ମାନେ କବିଙ୍କ ସାହିତ୍ୟକୃତୀର ଆଲୋଚନା କରିଥିଲେ । ଶେଷରେ ପ୍ରାକ୍ତନ ଅଧାପକ ବିଦ୍ୟାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କେଶାଇବାହାଲ ସ୍ଥିତ ଉଚ୍ଚ ମାଧମିକ ବିଦ୍ୟାଳୟରେ ପଦ୍ମଶ୍ରୀପ୍ରାପ୍ତ ମିତ୍ରଭାନୁ ଗୌନ୍ତିଆଙ୍କ ଜନ୍ମ ଦିନକୁ 'ରଙ୍ଗବତୀ ଦିନ' ଭାବେ ପାଳନ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷ ସରୋଜ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ କଳାକାର ଖତୁନାଥ ପିଙ୍ଗ ମୁଖ୍ୟ ଅତିଥି, ବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ରଜନୀକାନ୍ତ ପଟେଲ ମୁଖ୍ୟବକ୍ତା ଓ ବାସୁଦେବ ଗୋଦାବରୀ କଲେଜ ଅଧକ୍ଷ ଦୟାସାଗର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷା ବିଭାଗ ଅଧାପକ ତପନ ସାହୁ, ସଂସ୍କୃତ ଅଧାପିକା ଚୁମକି ପ୍ରଧାନ, ଖେଳ ଶିକ୍ଷକ ଶିଶିର ଚୌଧୁରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ କେକ୍ କାଟି ଜନ୍ମ ଦିବସ ପାଳନ କରାଯାଇ ପଦ୍ମଶ୍ରୀ ମିତ୍ରଭାନୁଙ୍କ ଦୀର୍ଘ ଜୀବନ କାମନା କରାଯାଇଥିଲା । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗବତୀ ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା ।

କୁଚିଣ୍ଡା ଝୁଲେନ ପୋଲ ନିକଟସ୍ଥ ଆଦିବାସୀ ଭବନରେ ସମାଜସେବୀ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମଧ 'ରଙ୍ଗବତୀ ଦିନ' ପାଳିତ ହୋଇଥିଲା । ଏଥିରେ ଆଇନଜୀବୀ ଓ ଗୀତିକାର ହୃଦାନନ୍ଦ ଶର୍ମା ଓ ଝାରସୁଗୁଡାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କବି ଦୀନବନ୍ଧୁ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମିତ୍ରଭାନୁ ଗୌନ୍ତିଆଙ୍କ ସାହିତ୍ୟ ସାଧନା ଉପରେ ଆଲୋକପାତ କରିଥିଲେ । ଏଥିରେ ବାଳମତି ଦେହୁରି ନର୍ସିଂ କଲେଜର ପ୍ରଶାସନିକ ଅଧିକାରୀ ମୁକୁନ୍ଦ ଭୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓ ଛାତ୍ରୀ ସୁଶ୍ରୀ କଲ୍ୟାଣୀ ନାଏକ ଅତିଥି ପରିଚୟ ଓ ଦିବସର ମାହାତ୍ମ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସଭାପତି ଶ୍ରୀ ନାୟକ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଦୁଇଟି ଗ୍ରନ୍ଥାବଳୀ ପ୍ରଥମ ଓ ଦ୍ୱିତୀୟ ଭାଗର ସମୀକ୍ଷା କରିଥିଲେ । ଶେଷରେ ନର୍ସିଂ କଲେଜ ଛାତ୍ରୀ ମାନେ ରଙ୍ଗବତୀ ଗୀତକୁ ଗାନ କରିଥିଲେ । ଛାତ୍ରୀ କୁମୁଦିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆପଡ଼ା ଜିଲ୍ଲା ପାଲା ସମ୍ମିଳନୀ: ରାଧେଶ୍ୟାମ ପଣ୍ଡା ସମ୍ମାନିତ




ଖଡିଆଳ: ସ୍ଥାନୀୟ ଗାୟତ୍ରୀ ନଗର ଠାରେ ନୂଆପଡ଼ା ଜିଲ୍ଲା ପାଲା ସମ୍ମିଳନୀ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ପାଲା ପରିଷଦର ସଭାପତି ଅମୂଲ୍ୟ ମୁଣ୍ଡଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିଡିଓ ନରସିଂହ ଗଦ୍‌ବା ଓ ସାମ୍ବାଦିକ କୁନୁ କରୁଆଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାଲା ଗାୟକ ଅର୍ଜ୍ଜୁନ ଛତ୍ରିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବର୍ଷିୟାନ ପାଲା ଗାୟକ ଶିବ ପ୍ରସାଦ ଅଗସ୍ତି, ହରିହର ନାୟକ, ଜଣାଶୁଣା କଳାକାର ଦ୍ୱାରିକାନାଥ ବେହେରା ଓ କୈଳାସ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୁନାଲଚରଣ ବେହେରା ସ୍ୱାଗତ ଭାଷଣ ଓ ଗାୟକ ଗୋଲାପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦ୍‌ଯାପନୀ ସମାରୋହରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଲା ସଂସ୍କୃତିର ବିକାଶ ହେଲେ ଓଡ଼ିଆ ଭାଷା ସାହିତ୍ୟର ବିକାଶ ହୋଇ ପାରିବ ବୋଲି କହିଥିଲେ । ଗାୟକ ପଶ୍ଚିମ କେଶରୀ ଅର୍ଜୁନ ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧିରେ ପାଲାକାର ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ନାମ ଯଜ୍ଞ କମିଟି ଗାୟତ୍ରୀ ନଗରର ସଭାପତି ଅଜିତ ସାହୁ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଏହି ଜିଲ୍ଲା ସ୍ତରୀୟ ପାଲା ସମ୍ମିଳନୀ ଅଦ୍ୱିତୀୟ ଓ ଏହା ଓଡ଼ିଆ ପାଲାକାର ମାନଙ୍କୁ ଅନୁପ୍ରାଣିତ କରିବ ବୋଲି କହିଥିଲେ । ବିଶିଷ୍ଟ ସାହିତ୍ୟିକ ଗୌରାଙ୍ଗ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଲା ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଓଡ଼ିଆ ଜନ ଜୀବନରେ ଏହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଶିକ୍ଷକ ପ୍ରଦୀପ୍ତ କର ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୟଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଦ୍ୟୁମ୍ନ ସରାଫ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏ ଅବସରରେ ବରିଷ୍ଠ ପାଲା ଗାୟକ ରାଧେଶ୍ୟାମ ପଣ୍ଡାଙ୍କୁ 'ଗାୟକ ପଶ୍ଚିମ ସମ୍ରାଟ' ଉପାଧିରେ ଭୂଷିତ କରାଯାଇ ଥିଲା । ଏହାଛଡ଼ା ରାଧା ମୋହନ ଦଣ୍ଡସେନା, ଦାମୋଦର ବିଶିଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସ୍ୱର୍ଗତ ଗାୟକ ଶ୍ରୀପତି ଶବରଙ୍କୁ ମରଣୋତ୍ତର ସମ୍ମାନ ଦିଆ ଯାଇଥିଲା । ପରେ ଜିଲ୍ଲାର ପାଲା ଦଳମାନେ ପାଲା ପରିବେଷଣ କରିଥିଲେ । ପରିଷଦ ସଭାପତି ଅମୂଲ୍ୟ କୁମାର ମୁଣ୍ଡ, ଉପ ସଭାପତି ଡୋଳାମଣି ଦଣ୍ଡସେନା, ସମ୍ପାଦକ କୁନାଲ ଚରଣ ବେହେରା, କୋଷାଧକ୍ଷ ଜୟଦେବ ବେହେରା, ତ୍ରିମନ ମାଝୀ, ପ୍ରଦୀପ୍ତ କର, ଡୋଳାମଣି ଦଣ୍ଡସେନା, ଦୀନବନ୍ଧୁ ଛତ୍ରିଆ, ନବୀନ ନାଗ, ଶାମ୍ଭ ସରାଫ, କୃଷ୍ଣ ତାଣ୍ଡି, ବାପିନା ସାହୁ, ଚନ୍ଦ୍ର ଶେଖର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଜିଏମୟୁରେ ପଖାଳ ଓ ବିଶ୍ୱ କବିତା ଦିବସ




ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ 'ବିଶ୍ୱ ପଖାଳ ଦିବସ'ଓ 'ବିଶ୍ୱ କବିତା ଦିବସ' ପାଳିତ ହୋଇଛି । କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦଘାଟନ୍ କରିଥିଲେ । ଉପକୁଳସଚିବ ଉମାଚରଣ ପତି ପ୍ରମୁଖ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଆୟୋଜିତ ସଭାରେ 'ପଖାଳ'ର ସ୍ୱତନ୍ତ୍ରତା ସମ୍ପର୍କରେ ଡକ୍ଟର ଦ୍ୱାରିକାନାଥ ନାୟକ ବକ୍ତବ୍ୟ ରଖିଥିଲେ । ସରକାରୀ ମହିଳା ମହା-ବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଅଖିଳ ବିଶ୍ୱାଳ, ଏନଏସସିବି ମହାବିଦ୍ୟାଳୟର ବିଭାଗ ମୁଖ୍ୟ ଡକ୍ଟର ଶ୍ୟାମ ଭୋଇ, ଅଞ୍ଚଳ କଲେଜର ଅବସରପ୍ରାପ୍ତ ଅଧ୍ୟାପିକା ସନ୍ତୋଷିନୀ ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ପରବର୍ତ୍ତୀ ଅଧିବେଶନରେ 'ବିଶ୍ୱ କବିତା ଦିବସ'ରେ 'କବିତା ଆସର' କାର୍ଯ୍ୟକ୍ରମ ହୋଇଥିଲା । କବି ପ୍ରଦୀପ ପଣ୍ଡା, ଗଣେଶରାମ ନାହାକ, ସରୋଜ ମହାନ୍ତି, ଦୁର୍ଗା ପଣ୍ଡା, ତଫିଜୁଲ୍ ହୁସେନ, ସୁନିତୀ ଦେବତା ପ୍ରମୁଖ କବିତା ପାଠ କରିବା ସହ ଛାତ୍ରଛାତ୍ରୀଙ୍କ ସହ ପଖାଳ ଖାଇଥିଲେ । ସହକାରୀ ପ୍ରଫେସର ରଞ୍ଜନ ସେଠ୍‌ଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡକ୍ଟର ପରିକ୍ଷୀତ ଭୋଇ ସଂଯୋଜନା କରିଥିବା ବେଳେ ଡକ୍ଟର ଲିପିକା ମିଶ୍ର ଅତିଥି ପରିଚୟ ଓ ଡକ୍ଟର ନବୀନ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra